# ଓଡ଼ିଶା ନିଶବ୍ଦ

ସାପ୍ତାହିକ ଖବର କାଗଜ

THE ODISHA NISHABDA

ORORI/26/A4490



ରାକ୍ଷୀ ପୂର୍ଣ୍ଣିମା

ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ 'ଓଡ଼ିଶା ନିଶବ୍ଦ' ପରିବାର ତରଫରୁ ଆପଣ ଓ ଆପଣଙ୍କ ପରିବାରକୁ ହାର୍ଦ୍ଦିକ ଶୁଭେଚ୍ଛା

ODISHA NISHABDA LIVE ଓଡ଼ିଶା ନିଶବ୍ଦ

Follow Us: odishanishabda

odishanishabda

www.odishanishabda.com

epaper.odishanishabda.com



Vol–1 ■ Issue–9 ■ 27th Aug.-2nd Sept. 2026 ■ Weekly ■ Bhubaneswar ■ Page–8 ■ Price–5.00 ■ ବର୍ଷ-୧ ■ ସଂଖ୍ୟା-୯ ■ ୨୭ ଅଗଷ୍ଟ-୨ ସେପ୍ଟେମ୍ବର ୨୦୨୬ସାପ୍ତାହିକ ■ ଭୁବନେଶ୍ୱର ■ ପୃଷ୍ଠା-୮ ■ ମୂଲ୍ୟ-୫.୦୦


## ୧,୦୩,୨୬,୧୬୨ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ପଞ୍ଚମ କିସ୍ତି



ଭୁବନେଶ୍ୱର : ୨୮ତାରିଖ ରାକ୍ଷୀ ପୂର୍ଣ୍ଣିମା ଅବସରରେ ନୟାଗଡ଼ଠାରେ ପ୍ରଦାନ କରାଯିବାକୁ ଥିବା ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ପ୍ରସ୍ତୁତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନୂଆଦିଲ୍ଲୀରେ ସାକ୍ଷାତ କରି ଅବଗତ କରିଛନ୍ତି। ଏହି ପଞ୍ଚମ କିସ୍ତି ମାଧ୍ୟମରେ ପ୍ରତ୍ୟେକ ଯୋଗ୍ୟ ମହିଳା ହିତାଧିକାରୀଙ୍କ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଜରିଆରେ ୫,୦୦୦ଟଙ୍କା ଲେଖାଏଁ ପାଇବେ। ସାମ୍ପ୍ରତିକ ପ୍ରସ୍ତୁତି ଅନୁଯାୟୀ ମୋଟ ୧,୦୩,୨୬,୧୬୨ ଜଣ ଯୋଗ୍ୟ ମହିଳା ହିତାଧିକାରୀ ଏହି କିସ୍ତି ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଯାହା ପାଇଁ ମୋଟ ୫,୧୬୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯିବ। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସଠିକ୍ ସମୟରେ ଏବଂ ସୁରୁଖୁରୁରେ ସହାୟତା ରାଶି ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଶ୍ରୀମତୀ ପରିଡା ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ। ବିଶେଷକରି ହିତାଧିକାରୀଙ୍କ ଯାଞ୍ଚ ଇ-କେୱାଇସି, ଆଧାର ସଂଯୋଗୀକୃତ ବ୍ୟାଙ୍କ ଆକାଉଣ୍ଟ, ଏନ୍‌ପିସିଆଇ ମ୍ୟାପିଂ ଏବଂ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ଯାହାଦ୍ୱାରା କୌଣସି ବିଳମ୍ବରେ ଆର୍ଥିକ ସହାୟତା ପହଞ୍ଚିପାରିବ। ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ଏବଂ ସାମାଜିକ ଅନ୍ତର୍ଭୁକ୍ତୀକରଣକୁ ଆଗେଇ ନେବାରେ ଏହି ପଞ୍ଚମ କିସ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମଧ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପ୍ରଧାନମନ୍ତ୍ରୀଙ୍କୁ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କର ଏହି ପ୍ରମୁଖ ମହିଳା କୈନ୍ଦ୍ରିକ ଯୋଜନାର ଲକ୍ଷ୍ୟ ହେଉଛି ୫ବର୍ଷ ମଧ୍ୟରେ ଯୋଗ୍ୟ ମହିଳାମାନଙ୍କୁ ମୋଟ ୫୦,୦୦୦ ଟଙ୍କା ହିସାବରେ ଦୁଇଟି ସମାନ କିସ୍ତିରେ (ପ୍ରତ୍ୟେକ କିସ୍ତିରେ, ୫,୦୦୦ଟଙ୍କା) ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଉଛି।



ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଣନାତୁଣୀ ତଥା ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀମତୀ ସ୍ମିତା ଦାସଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ। ନିକଟରେ ଉପସ୍ଥିତ ଅଛନ୍ତି ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## ନେପାଳରେ ବନ୍ୟା ବିଭୀଷିକା, ଭାସିଗଲେ ୧୦୦ରୁ ଅଧିକ ଭାରତୀୟ

**ନୂଆଦିଲ୍ଲୀ :** ଭାରତର ପଡ଼ୋଶୀ ଦେଶ ନେପାରେ ଆଜି ଆକସ୍ମିକ ବନ୍ୟା ଆସିଛି । ଏହି ବନ୍ୟାରେ ୫ଟି ଜିଲ୍ଲା ସମ୍ପୂର୍ଣ୍ଣ ଭାବେ ଧୋଇ ଯାଇଛି । ସବୁଠାରୁ ବଡ଼ କଥା ହେଉଛି ଏହି ବନ୍ୟାରେ ୪୦୦ ରୁ ଅଧିକ ଲୋକ ଭାସିଯାଇଥିବା ନେପାଳ ପର୍ଯ୍ୟଟନ ବୋର୍ଡ କହିଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ନେପାଳ ପର୍ଯ୍ୟଟନ ବୋର୍ଡର ତଥ୍ୟ ମୁତାବକ ଏହି ୪୦୦ ଜଣଙ୍କ ମଧ୍ୟରୁ ୧୦୫ ଜଣ ଭାରତୀୟ ରହିଛନ୍ତି । ସେପଟେ ନେପାଳରେ ଭୟଙ୍କର ବନ୍ୟା ଯୋଗୁଁ ୮ ଜଣଙ୍କ ମୃତ୍ୟୁ ଘଟିଛି। ଏହା ସହିତ, ଚୀନ୍ ?ର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ ଦେଶ ଦୁଇଟିର ସୀମାର ଚୀନ୍ ପାର୍ଶ୍ୱରେ ଥିବା ତିବ୍ବତର ଏକ ବାଣିଜ୍ୟିକ କେନ୍ଦ୍ରରେ ଭୂସ୍ଖଳନ ଘଟିବା ପରେ 'ବଡ଼ ଧରଣର କ୍ଷୟକ୍ଷତି ଓ ଜୀବନହାନି' ଘଟିଛି ।ନେପାଳର ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବନ୍ୟାଜଳ ସୀମାର ତିବ୍ବତ ପାର୍ଶ୍ୱରୁ ଆସିବା ପରେ ନେପାଳରେ ପ୍ରବେଶ କରିଥିଲା। ଫଳରେ ପ୍ରଭାବିତ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ଅନେକ ଗାଁ ବନ୍ୟାଜଳରେ ଭାସିଯାଇଛି।



## ସରକାରୀ ସେବାରେ ବିଳମ୍ବ: ଅଧିକାରୀଙ୍କୁ ଜରିମାନା

**ଭୁବନେଶ୍ୱର:** ସରକାରୀ ସେବା ପ୍ରଦାନ ବ୍ୟବସ୍ଥାକୁ ଅଧିକ ପାରଦର୍ଶୀ ଓ ଉତ୍ତରଦାୟୀ କରିବା ପାଇଁ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଲାଗୁ କରିଛନ୍ତି । ଏଣିକି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲୋକଙ୍କୁ ସେବା ଯୋଗାଇ ନଦେଲେ ସମ୍ପୃକ୍ତ ଦାୟୀ ଅଧିକାରୀଙ୍କୁ ଜରିମାନା ଗଣିବାକୁ ପଡ଼ିବ । ଏହି ଜରିମାନା ଅଧିକାରୀଙ୍କ ଦରମାରୁ କାଟି ନିଆଯିବ ।

ଓଡ଼ିଶା ଜନସେବା ଅଧିକାର ଆଇନରେ 'ଅଟୋ ଅପିଲ୍ ସିଷ୍ଟମ' ବ୍ୟବସ୍ଥା ଲାଗୁ ହୋଇଛି। ଏହା ମାଧ୍ୟମରେ ନିର୍ଦ୍ଧାରିତ ସମୟରେ ସେବା ନମିଳିଲେ ଆବେଦନଟି ସ୍ୱୟଂଚାଳିତ ଭାବେ ଉଚ୍ଚ ଅଧିକାରୀଙ୍କ ନିକଟକୁ ଅପିଲ୍ ପାଇଁ ଯିବ। ନୂତନ ନିୟମ ଅନୁଯାୟୀ, ସେବା ପ୍ରଦାନରେ ବିଳମ୍ବ ପାଇଁ ଦାୟୀ ଅଧିକାରୀଙ୍କ ଉପରେ ଦିନକୁ ୨୫୦ ଟଙ୍କା ହିସାବରେ ଜରିମାନା ଲାଗିପାରେ। ଏହି ଜରିମାନା ଅଧିକାରୀଙ୍କ ଦରମାରୁ କାଟି ନିଆଯିବ। ସର୍ବାଧିକ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଇପାରିବ। ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସରକାରୀ ସେବା ପାଇବାରେ ଲୋକଙ୍କୁ



ଅଯଥା ବିଳମ୍ବର ସମ୍ମୁଖୀନ ହେବାକୁ ନଦେବା। ଏଥିସହିତ ସେବା ପ୍ରଦାନରେ ଅଧିକାରୀମାନଙ୍କ ଦାୟିତ୍ୱବୋଧ ବଢ଼ାଇବା ଏବଂ ସରକାରୀ ବ୍ୟବସ୍ଥାକୁ ଅଧିକ ଜନମୁଖୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ସମୟସୀମାରେ ସେବା ନଦେଲେ ଏଣିକି କେବଳ ଅଭିଯୋଗ ନୁହେଁ, ଦାୟୀ ଅଧିକାରୀଙ୍କୁ ଆର୍ଥିକ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିବ।







## ଅମରାବତୀ ହସ୍ପିଟାଲ ଅଗ୍ନିକାଣ୍ଡ

# ମୃତକଙ୍କ ପାଇଁ ୫ଲକ୍ଷର କ୍ଷତିପୂରଣ ଦେଲେ ମୁଖ୍ୟମନ୍ତ୍ରୀ



**ଅମରାବତୀ:** ମହାରାଷ୍ଟ୍ରର ଅମରାବତୀରେ ଥିବା ଜିଲ୍ଲା ମହିଳା ହସ୍ପିଟାଲ (ଡଫରିନ୍ ହସ୍ପିଟାଲ)ର ନବଜାତ ଆଇସିୟୁରେ ଭୟାବହ ଅଗ୍ନିକାଣ୍ଡ ଯୋଗୁଁ ତିନି ଜଣ ନବଜାତ ଶିଶୁଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ପରେ, ରାଜ୍ୟ ସାରା ଶୋକର ଲହରୀ ଖେଳିଯାଇଛି। ରାଜ୍ୟ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ ଏହି ଦୁର୍ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଏବଂ ଏହାକୁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ବୋଲି ବର୍ଣ୍ଣନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ରାତିରେ ଅମରାବତୀର ଜିଲ୍ଲା ମହିଳା ହସ୍ପିଟାଲରେ ଅଗ୍ନିକାଣ୍ଡରେ ତିନି ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦ ଏବଂ ହୃଦୟ ବିଦାରକ। ଆମେ ଗଭୀର ସମବେଦନା ସହିତ ସେମାନଙ୍କ ପରିବାର ପ୍ରତି ଦୁଃଖ ପ୍ରକାଶ କରୁଛୁ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ସେ ପୀଡିତ ପରିବାରଙ୍କ ପାଇଁ କ୍ଷତିପୂରଣ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ପୀଡିତଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି ଏବଂ ମୃତକଙ୍କ ପରିବାରକୁ ୫ ଲକ୍ଷ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏହା ସହିତ, ଘଟଣାରେ ଆହତ ଅନ୍ୟ ନବଜାତ ଶିଶୁମାନଙ୍କର ସର୍ବୋତ୍ତମ ସମ୍ଭାବ୍ୟ ଚିକିତ୍ସା ସମ୍ପୂର୍ଣ୍ଣ ସରକାରୀ ଖର୍ଚ୍ଚରେ ନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅମରାବତୀ ଜିଲ୍ଲା କଲେକ୍ଟର ଆଶିଷ ୟେରକରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ପ୍ରଶାସନ ଦ୍ୱାରା ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ତଦନ୍ତରେ ଦୋଷୀ ସାବ୍ୟସ୍ତ ହୋଇଥିବା ଯେକୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କୁ କୌଣସି ଦ୍ୱିଧା ବିନା କଠୋରତମ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ କରାଯିବ। ସରକାରଙ୍କ ମତ ସ୍ପଷ୍ଟ, ଯେଉଁମାନେ ଅବହେଳା କରିଛନ୍ତି ସେମାନଙ୍କୁ ଛଡ଼ାଯିବ ନାହିଁ। ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ସଚିବ ପରିସ୍ଥିତିର ମୂଲ୍ୟାଙ୍କନ ଏବଂ ରିଲିଫ୍ ପ୍ରୟାସର ସମୀକ୍ଷା କରିବା ପାଇଁ ତୁରନ୍ତ ଅମରାବତୀ ଯାଇଛନ୍ତି। ଉଭୟ ବରିଷ୍ଠ ଅଧିକାରୀ ହସ୍ପିଟାଲ ପରିଦର୍ଶନ କରିବେ, ସ୍ଥାନ ଯାଞ୍ଚ କରିବେ, ପ୍ରଭାବିତ ପରିବାର ସହିତ ସାକ୍ଷାତ କରିବେ ଏବଂ ସୁରକ୍ଷା ବ୍ୟବସ୍ଥାର ପୁନଃମୂଲ୍ୟାୟନ କରିବେ ବୋଲି ସେ ସୂଚନା ଦେଇଛନ୍ତି। ଘଟିଥିବା ଅଗ୍ନିକାଣ୍ଡରେ ହସ୍ପିଟାଲ ପ୍ରଶାସନ, ଅଗ୍ନିଶମ ବିଭାଗ ଏବଂ ସ୍ଥାନୀୟ ପୁଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ୩୬ ଜଣ ନବଜାତ ଶିଶୁଙ୍କୁ ସମୟ ମଧ୍ୟରେ ସୁରକ୍ଷିତ ଭାବରେ ବାହାର କରାଯାଇପାରିଥିଲା। ନିଆଁ ବ୍ୟାପିବା ପୂର୍ବରୁ, ଉଦ୍ଧାରକାରୀ ଦଳ ଶୀଘ୍ର ପଦକ୍ଷେପ ନେଇ ପିଲାମାନଙ୍କୁ ଅନ୍ୟ ୱାର୍ଡ ଏବଂ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲେ, ଯାହା ଫଳରେ ଏକ ବଡ଼ ଦୁର୍ଘଟଣାକୁ ଏଡାଇ ଦିଆଯାଇଥିଲା। ବର୍ତ୍ତମାନ, ଉଦ୍ଧାର ହୋଇଥିବା ସମସ୍ତ ଶିଶୁଙ୍କ ଅବସ୍ଥା ସ୍ଥିର ଥିବା ଏବଂ ଡାକ୍ତରଙ୍କ ଏକ ଦଳ ଦ୍ୱାରା ନିରନ୍ତର ତଦାରଖ କରାଯାଉଛି ବୋଲି ଜଣାପଡିଛି।

# ଧୋକା ଦେଲେ ସରକାର ! ପୁଣି ଆନ୍ଦୋଳନ ଘୋଷଣା କଲା ସିଜେଆଇ



**ନୂଆଦିଲ୍ଲୀ :** କକରୋଚ ଜନତା ପାର୍ଟି ୫ ସେପ୍ଟେମ୍ବରରେ ଦିଲ୍ଲୀରେ ରାଷ୍ଟ୍ରବ୍ୟାପୀ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରିବାକୁ ଘୋଷଣା କରିଛି। ଦଳ ଭାରତ ସରକାରଙ୍କ ଉପରେ ଯୁବପିଢ଼ିଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ନକରିବାର ଅଭିଯୋଗ ଆଣିଛି। ସିଜେଆଇର କହିବା ଅନୁସାରେ, ୨୫ ଜୁଲାଇରେ ସରକାର ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପରେ ଦେଶବ୍ୟାପୀ ଚାଲିଥିବା ଯୁବ ଆନ୍ଦୋଳନକୁ ଭରସାର ସହିତ ପ୍ରତ୍ୟାହାର କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ସେହି ପ୍ରତିଶ୍ରୁତିଗୁଡ଼ିକ ପୂରଣ ହୋଇନଥିବା ଦଳ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ୫ ସେପ୍ଟେମ୍ବରରେ ଏହି ପ୍ରଦର୍ଶନ କରାଯିବ।

୫ ସେପ୍ଟେମ୍ବରରେ ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍‌ରେ ଶାନ୍ତିପୂର୍ଣ୍ଣ ମାର୍ଚ୍ଚ ଆରମ୍ଭ ହେବ। ପ୍ରଦର୍ଶନକାରୀମାନେ ସେଠାରୁ ନୂଆଦିଲ୍ଲୀ ପୋଲିସ ମୁଖ୍ୟାଳୟ ଦିଗକୁ ଆଗକୁ ବଢ଼ିବେ। ଏହାକୁ ଶାନ୍ତିପୂର୍ଣ୍ଣ ବିରୋଧ ଭାବେ ଆୟୋଜନ କରାଯିବ ବୋଲି ଦଳ କହିଛି। ଏହି ମାର୍ଚ୍ଚରେ ଦେଶର ବିଭିନ୍ନ ଅଞ୍ଚଳରୁ ଛାତ୍ର, ଯୁବକ ଏବଂ ଯୁବ ସଂଗଠନଗୁଡ଼ିକ ସାମିଲ ହେବାର ଆଶା ରହିଛି। ଉଔଚ କହିଛି ଯେ, ଘରରଞ୍ଚ ପରୀକ୍ଷା ସମ୍ପର୍କିତ ଘଟଣାରେ ଜୀବନ ହରାଇଥିବା ଛାତ୍ରଛାତ୍ରୀ ଏବଂ ପୋଲିସ ବର୍ବରତାର ଶିକାର ହୋଇଥିବା ପରିବାରଗୁଡ଼ିକ ଏହି ମାର୍ଚ୍ଚର ନେତୃତ୍ୱ ନେବେ। ସେମାନଙ୍କ ସହ ଛାତ୍ର ଏବଂ ଯୁବ ସଂଗଠନଗୁଡ଼ିକ ମଧ୍ୟ ମାର୍ଚ୍ଚରେ ସାମିଲ ହେବେ। ଏହା ସହ ଦେଶର ବିଭିନ୍ନ ସ୍ଥାନରୁ ଯୁବ ନାଗରିକମାନେ ଦିଲ୍ଲୀରେ ପହଞ୍ଚିବେ ବୋଲି ଉଔଚ ଆଶା ପ୍ରକାଶ କରିଛି।

# ପାଟଣାରେ ଗର୍ଜୁଛନ୍ତି ଛାତ୍ର ; ପୋଲିସର, ଲାଠି ଓ ପାଣିମାଡ଼



ପାଟନା : ବିହାରର ରାଜଧାନୀ ପାଟନାରେ ଜୋରଦାର ହେଉଛି ଛାତ୍ର ଆନ୍ଦୋଳନ। ଛାତ୍ରମାନେ ଗାନ୍ଧୀ ମଇଦାନରୁ ଲୋକଭବନ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁକୁ ଯିବା ବେଳେ ପୁଲିସ ସହିତ ମୁହାଁମୁହିଁ ହୋଇଥିଲେ। ପୁଲିସର ପାଣିମାଡ଼ ଓ ଲାଠିମାଡ଼ରେ କିଛି ଛାତ୍ର ଆହତ ହୋଇଛନ୍ତି। ବିରୋଧୀ ଏହାକୁ ସମାଲୋଚନା କରିଥିବା ବେଳେ ସରକାର ପ୍ରତିକ୍ରିୟା ରଖିଛନ୍ତି। ବିହାର ପବ୍ଲିକ୍ ସର୍ଭିସ୍ କମିସନ ପରୀକ୍ଷାରେ ପରିବର୍ତ୍ତନ ଦାବି କରି ପାଟନାରେ ଶୋଭାଯାତ୍ରା ବେଳେ ପୁଲିସ ଓ ଛାତ୍ରଙ୍କ ମଧ୍ୟରେ ମୁହାଁମହିଁ ପରିସ୍ଥିତି ସୃଷ୍ଟି ହୋଇଛି । ପାଟନା ଗାନ୍ଧୀ ମଇଦାନରୁ ଛାତ୍ରମାନେ ଶୋଭାଯାତ୍ରା କରୁଥିଲେ। ପୁଲିସ ରାସ୍ତା ଅବରୋଧ କରିବା ସତ୍ତ୍ୱେ ବ୍ୟାରିକେଡ୍ ଭାଙ୍ଗି ଯାଉଥିଲେ ଛାତ୍ର । ପୁଲିସ ଓ ଛାତ୍ରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଛାତ୍ରମାନେ ନିଷିଦ୍ଧାଞ୍ଚଳ ଆଡ଼କୁ ବଢୁଥିବା ବେଳେ ପୁଲିସ ଅଟକାଇବାକୁ ଚେଷ୍ଟା କରି ପାଣିମାଡ଼ କରିବା ସହ ଲାଠିଚାର୍ଜ କରିଥିଲା। କିଛି ଛାତ୍ର ଆହତ ହୋଇଛନ୍ତି।

ସେପଟେ ଛାତ୍ରମାନଙ୍କର ସମସ୍ତ ସମସ୍ୟାର ସମାଧାନ କରାଯାଇଥିବା ବିହାର ଶିକ୍ଷାମନ୍ତ୍ରୀ ମିଥିଲେଶ ତିୱାରୀ କହିଛନ୍ତି। ସେ କହିଛନ୍ତି, ଯୁବପିଢ଼ିଙ୍କ ସମସ୍ୟାର ସମୟୋଚିତ ସମାଧାନ ସରକାରଙ୍କ କର୍ତ୍ତବ୍ୟ। ଦଶମ ବୋର୍ଡ ପରୀକ୍ଷା ଦେଇନଥିବା ଜଣେ ବ୍ୟକ୍ତି ପରୀକ୍ଷା ଉପରେ ପରାମର୍ଶ ଦେଉଥିବା ଶୁଣି ସେ ଆଶ୍ଚର୍ଯ୍ୟ ହେଉଥିବା କହିଛନ୍ତି। ଏଭଳି ଅଯଥା ଆନ୍ଦୋଳନକୁ ଉତ୍ସାହିତ କରୁଥିବା ବିରୋଧୀଙ୍କୁ ସେ ତୀବ୍ର ସମାଲୋଚନା କରିଥିଲେ। ଉପଯୁକ୍ତ ବ୍ୟକ୍ତିଙ୍କ ଉପଯୁକ୍ତ ଉପଦେଶ ସବୁବେଳେ ଗ୍ରହଣୀୟ। ଏଥିପାଇଁ ସରକାର ପ୍ରସ୍ତୁତ ବୋଲି ବିହାର ଶିକ୍ଷାମନ୍ତ୍ରୀ ମିଥିଲେଶ ତିୱାରୀ କହିଛନ୍ତି ।

## ଦିଲ୍ଲୀ ଏନସିଆରରେ ପ୍ରବଳ ବର୍ଷା: ୧୪ ବିମାନର ମାର୍ଗ ପରିବର୍ତ୍ତନ, ୫୦ରୁ ଅଧିକ ବିଳମ୍ବ

ନୂଆଦିଲ୍ଲୀ: ଖରାପ ପାଗ ଯୋଗୁଁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ରେ ବିମାନ ଚଳାଚଳ ସୋମବାର ଦିନ ପ୍ରଭାବିତ ହୋଇଛି। ୫୦ ରୁ ଅଧିକ ବିମାନ ବିଳମ୍ବର ସମ୍ମୁଖୀନ ହୋଇଛି। ସେହିପରି ୧୪ ଟି ବିମାନର ମାର୍ଗ ପରିବର୍ତ୍ତନ କରି ଆଗମନ ଏବଂ ପ୍ରସ୍ଥାନକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସେଥିମଧ୍ୟରେ ଦୁଇଟି ଆନ୍ତର୍ଜାତୀୟ ବିମାନ ରହିଛି। ପ୍ରବଳ ବର୍ଷା ଯୋଗୁଁ ଦିଲ୍ଲୀରେ ପାଣି ଜମିବା ଏବଂ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିବାବେଳେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ରେଡ୍ ଆଲର୍ଟ ଏବଂ ଅନ୍ୟ ଜିଲ୍ଲାରେ ମଧ୍ୟମ ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ବିଭିନ୍ନ ଏୟାରଲାଇନ୍ସ ଯାତ୍ରୀମାନଙ୍କୁ ସତର୍କ କରାଇ ପରାମର୍ଶ ଜାରି କରିଛନ୍ତି ଯେ, ପ୍ରତିକୂଳ ପାଗ ସଂଯୋଗକାରୀ ବିମାନଗୁଡ଼ିକୁ ମଧ୍ୟ ପ୍ରଭାବିତ କରିପାରେ। ଯାତ୍ରୀମାନଙ୍କୁ ବିମାନବନ୍ଦରକୁ ଯିବା ପୂର୍ବରୁ ସେମାନଙ୍କର ବିମାନ ସ୍ଥିତି ଯାଞ୍ଚ କରିବାକୁ ଅନୁରୋଧ କରାଯାଇଛି।

ଏୟାର ଇଣ୍ଡିଆ କହିଛି, ପ୍ରତିକୂଳ ପାଗ ପରିସ୍ଥିତି ଦିଲ୍ଲୀକୁ ଏବଂ ଦିଲ୍ଲୀରୁ ବିମାନ ଚଳାଚଳକୁ ପ୍ରଭାବିତ କରିପାରେ। ଇଣ୍ଡିଗୋ ଯାତ୍ରୀମାନଙ୍କୁ ବାଧା ବିଷୟରେ ସତର୍କ କରାଇ କହିଛି, ଦିଲ୍ଲୀର ଖରାପ ପାଗ ବିମାନ କାର୍ଯ୍ୟସୂଚୀକୁ ପ୍ରଭାବିତ କରିଛି। ଆମେ ପାଗ ଉପରେ କଡ଼ା ନଜର ରଖିଛୁ ଏବଂ ଆପଣଙ୍କୁ ସୁରକ୍ଷିତ ଏବଂ ସୁଗମ ଭାବରେ ଯେଉଁଠାରେ ରହିବାକୁ ପଡିବ ସେଠାରେ ପହଞ୍ଚାଇବା ପାଇଁ ଆମର ସର୍ବୋତ୍ତମ ଚେଷ୍ଟା କରୁଛୁ। ସ୍ପାଇସଜେଟ୍ କହିଛି, ଦିଲ୍ଲୀରେ ଖରାପ ପାଗ ଯୋଗୁଁ, ସମସ୍ତ ପ୍ରସ୍ଥାନ/ଆଗମନ ଏବଂ ସେମାନଙ୍କ ପରିଣାମ ସ୍ୱରୂପ ବିମାନଗୁଡ଼ିକ ପ୍ରଭାବିତ ହୋଇପାରେ। ଯାତ୍ରୀମାନଙ୍କୁ

## ବର୍ଷକୁ ୩ଟି ମାଗଣା ଗ୍ୟାସ୍ ସିଲିଣ୍ଡର

# ଗାନ୍ଧୀ ଜୟନ୍ତୀରୁ ମହିଳା ଏବଂ ଟ୍ରାନ୍ସଜେଣ୍ଡରଙ୍କ ପାଇଁ ମାଗଣା ବସ୍ ସେବା



**ଚେନ୍ନାଇ:** ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟ ବିଧାନସଭାରେ ଏକ ବଡ଼ ଘୋଷଣା କରି କହିଛନ୍ତି ଯେ 'ଅନ୍ନପୂର୍ଣ୍ଣ ସୁପର ସିକ୍ସ' ଯୋଜନା ଅନ୍ତର୍ଗତ ବର୍ଷକୁ ତିନୋଟି ମାଗଣା ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯିବ। ଏହି ଯୋଜନାରେ ବର୍ଷକୁ ଅଢ଼େଇ ଲକ୍ଷ କିମ୍ବା ତା'ଠାରୁ କମ୍ ଆୟ ଥିବା ପରିବାରକୁ ବର୍ଷ ପିଛା ତିନୋଟି ଏଲପିଜି ସିଲିଣ୍ଡର ଯୋଗାଇ ଦିଆଯିବ। ହିତାଧିକାରୀମାନେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ଲାଭ ପାଇପାରିବେ। ସିଲିଣ୍ଡର ପାଇଁ ଦେୟ ସିଧାସଳଖ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ।

ଏହା ଦ୍ୱାରା ରାଜ୍ୟର କୋଟିଏ ୩୦ ଲକ୍ଷରୁ ଅଧିକ ପରିବାର ଉପକୃତ ହୋଇପାରିବେ। ସରକାର ଆକଳନ କରିଛନ୍ତି ଯେ ଏହି ଯୋଜନାରେ ବାର୍ଷିକ ପ୍ରାୟ ୪ ହଜାର କୋଟି ଖର୍ଚ୍ଚ ହେବ।ମହିଳା ଏବଂ ଟ୍ରାନ୍ସଜେଣ୍ଡର ଯାତ୍ରୀଙ୍କ ପାଇଁ ମାଗଣା ବସ୍ ସେବା ଯୋଜନାର ବିସ୍ତାର ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଭେଚ୍ଚି ପୟାନମ୍ ନାମକ ଏହି ଯୋଜନା ଅକ୍ଟୋବର ୨, ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀରେ ଆରମ୍ଭ ହେବ। ଏହି ଯୋଜନା ସରକାରୀ ବସ୍‌ରେ ମାଗଣା ଯାତ୍ରାର ପରିସରକୁ ବିସ୍ତାର କରିବ। ଏହି ପଦକ୍ଷେପ ଦ୍ୱାରା ମହିଳା ଏବଂ ଟ୍ରାନ୍ସଜେଣ୍ଡର ଯାତ୍ରୀମାନେ ସାଧାରଣ ପରିବହନ ସୁବିଧାକୁ ଅଧିକ ପ୍ରଭାବଶାଳୀ ଭାବରେ ପାଇପାରିବେ ଏବଂ ସେମାନଙ୍କର ଯାତ୍ରା ଖର୍ଚ୍ଚ ହ୍ରାସ ପାଇବ। ସରକାରୀ ଆକଳନ ଅନୁଯାୟୀ, ମାଗଣା ବସ୍ ଯାତ୍ରାର ବିସ୍ତାର ପାଇଁ ବାର୍ଷିକ ପ୍ରାୟ ୬ ହଜାର କୋଟି ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି।

# ଭାରତ ଆସିବେ ଜିନ୍ ପିଙ୍ଗ !

## ଅଜିତ ଡୋଭାଲ ବି ଯିବେ ଚୀନ୍ !



ନୂଆଦିଲ୍ଲୀ : ନୂଆଦିଲ୍ଲୀରେ ସେପ୍ଟେମ୍ବର ୧୨ ଏବଂ ୧୩ରେ ଅନୁଷ୍ଠିତ ହେବାକୁ ଯାଉଛି ବ୍ରିକ୍ସ ଶିଖର ସମ୍ମିଳନୀ। ଏହି ସମ୍ମିଳନୀରେ ଯୋଗଦେବା ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଭାରତ ଗସ୍ତରେ ଆସିବାର ସମ୍ଭାବନା ରହିଛି । ଯଦି ଏହା ଚୂଡ଼ାନ୍ତ ହୁଏ, ତେବେ ୨୦୨୦ ଗାଲୱାନ ସଂଘର୍ଷ ପରେ ପ୍ରାୟ ୭ ବର୍ଷ ମଧ୍ୟରେ ଯେବେ ଚୀନୀ ସର୍ବୋଚ୍ଚ ନେତାଙ୍କ ପ୍ରଥମ ଭାରତ ଗସ୍ତ । ସେପ୍ଟେମ୍ବର ୧୨ ଓ ୧୩ରେ ନୂଆଦିଲ୍ଲୀରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ, ଯେଉଁଥିରେ ଯୋଗଦେବାକୁ ଚୀନ୍ ରାଷ୍ଟ୍ରପତି ଏକ ବୃହତ ପ୍ରତିନିଧି ଦଳ ସହ ଆସିପାରନ୍ତି। ଚୀନ ସୁରକ୍ଷା ଏବଂ ପ୍ରୋଟୋକଲ୍ ଟିମ୍ ଦିଲ୍ଲୀରେ ହୋଟେଲ୍ ଏବଂ ସୁରକ୍ଷା ବ୍ୟାବସ୍ଥା ଚୂଡ଼ାନ୍ତ କରିବାରେ ବ୍ୟସ୍ତ ଥିବା ସୂତ୍ରରୁ ପ୍ରକାଶ । ୨୦୨୦ ଗାଲୱାନ ବିବାଦ ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ଆସିଥିବାବେଳେ, ବର୍ତ୍ତମାନ କୂଟନୈତିକ ସ୍ତରରେ ସମ୍ପର୍କ ସୁଧୁରିବାରେ ଲାଗିଛି । ସୀମା ବିବାଦର ସମାଧାନ ପାଇଁ ଜାତୀୟ ନିରାପତ୍ତା ପରାମର୍ଶଦାତା ଅଜିତ ଦୋଭାଲ୍ ବର୍ତ୍ତମାନ ଚୀନ୍ ଗସ୍ତରେ ଅଛନ୍ତି ଏବଂ ସେଠାକାର ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା କରୁଛନ୍ତି। ଆଜି ଚୀନ ଉପରାଷ୍ଟ୍ରପତିଙ୍କୁ ଭେଟିଛନ୍ତି ଡୋଭାଲ ।

# ମୋଦୀଙ୍କ କ୍ୟାବିନେଟରେ ଯୁବ ଚେହେରାଙ୍କୁ ପ୍ରାଧାନ୍ୟ



ନୂଆଦିଲ୍ଲୀ : ଭାଜପା ଅଧ୍ୟକ୍ଷ ନିତିନ ନବୀନ ନିକଟରେ ନିଜର ନୂଆ ଟିମ୍ ଗଠନ କରିଛନ୍ତି। ଏହି ଟିମ୍ ଗଠନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଟିମ୍ ଅର୍ଥାତ୍ କ୍ୟାବିନେଟରେ ମଧ୍ୟ ଅଦଳବଦଳ ହୋଇପାରେ। ଆଲୋଚନା ହେଉଛି, ଆସନ୍ତା କିଛି ମାସ ମଧ୍ୟରେ ଏହି ପରିବର୍ତ୍ତନ ସମ୍ଭବ। ଦିଲ୍ଲୀରେ ନିକଟରେ ଜେନ୍-ଜି ଆନ୍ଦୋଳନ ହୋଇଥିବା ସମୟରେ ଏହି ପରିବର୍ତ୍ତନ ହେବାକୁ ଯାଉଛି। ଏଭଳି ପରିସ୍ଥିତିରେ ନରେନ୍ଦ୍ର ମୋଦୀଙ୍କ କ୍ୟାବିନେଟରେ ଯୁବ ମନ୍ତ୍ରୀଙ୍କ ସଂଖ୍ୟା ବଢ଼ିପାରେ କି ନାହିଁ, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ବର୍ତ୍ତମାନ ୭୦ ବର୍ଷରୁ ଅଧିକ ବୟସର ୧୨ ଜଣ କ୍ୟାବିନେଟ ଏବଂ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ପ୍ରଭାର) ଅଛନ୍ତି। ଏହାବ୍ୟତୀତ ୮୧ ବର୍ଷୀୟ ଜିତନ ରାମ ମାଝୀ ସବୁଠାରୁ ବୟସ୍କ କ୍ୟାବିନେଟ ମନ୍ତ୍ରୀ ହୋଇଥିବାବେଳେ ୩୮ ବର୍ଷୀୟ କେ. ରାମ ମୋହନ ନାଇଡୁ ସବୁଠାରୁ କନିଷ୍ଠ କ୍ୟାବିନେଟ ମନ୍ତ୍ରୀ ଅଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ କାର୍ଯ୍ୟକାଳ ଆରମ୍ଭ ହେବା ସମୟରେ ୬୫ ପ୍ରତିଶତରୁ ଅଧିକ ମନ୍ତ୍ରୀଙ୍କ ବୟସ ୫୧ରୁ ୭୦ ବର୍ଷ ମଧ୍ୟରେ ଥିଲା। ୩୧ରୁ ୫୦ ବର୍ଷ ବୟସ ଗୋଷ୍ଠୀର ୨୪ ପ୍ରତିଶତ ମନ୍ତ୍ରୀ ଥିଲେ। ନିକଟରେ ତିନି ଜଣ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଳ୍ପସଂଖ୍ୟକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଏନ୍ ଏବଂ ରେଳ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁ ଇସ୍ତଫା ଦେଇଛନ୍ତି। ଏହାପରେ ବର୍ତ୍ତମାନ ୨୯ ଜଣ କ୍ୟାବିନେଟ ମନ୍ତ୍ରୀ, ୫ ଜଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ପ୍ରଭାର) ଏବଂ ୩୪ ଜଣ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ମିଶାଇ ମନ୍ତ୍ରିପରିଷଦରେ ମୋଟ ୬୯ ଜଣ ସଦସ୍ୟ ଅଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୭୫(୧ଇ) ଅନୁସାରେ ସର୍ବାଧିକ ୮୧ ଜଣ ସଦସ୍ୟ ରହିପାରିବେ। ଏହି ହିସାବରେ ୧୨ଟି ପଦ ସିଧାସଳଖ ଖାଲି ରହିଛି। ଏହାପରେ ଅଦଳବଦଳରେ କିଏ ବାଦ୍ ପଡ଼ିବେ ଏବଂ କାହାକୁ ସୁଯୋଗ ମିଳିବ, ତାହା ଅଲଗା କଥା। ମନ୍ତ୍ରିପରିଷଦର ଅଦଳବଦଳରେ ଅନେକ ବର୍ତ୍ତମାନର ମନ୍ତ୍ରୀଙ୍କୁ ମଧ୍ୟ ବାଦ୍ ଦିଆଯାଇପାରେ। ଯେପରିକି ଦୁଇ ରାଷ୍ଟ୍ରମନ୍ତ୍ରୀ—ହର୍ଷ ମଲହୋତ୍ରାଙ୍କୁ ଦିଲ୍ଲୀ ବିଜେପି ଏବଂ ପଙ୍କଜ ଚୌଧୁରୀଙ୍କୁ ୟୁପି ବିଜେପିର ଅଧ୍ୟକ୍ଷ କରାଯାଇଛି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ବିଜେପିର କୋଷାଧ୍ୟକ୍ଷ ମଧ୍ୟ କରାଯାଇଛି। ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏବଂ ସାମାଜିକ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ବି.ଏଲ୍. ବର୍ମାଙ୍କ ରାଜ୍ୟସଭା କାର୍ଯ୍ୟକାଳ ନଭେମ୍ବରରେ ଶେଷ ହେଉଛି। ପ୍ରଦର୍ଶନ ଆଧାରରେ ମଧ୍ୟ କିଛି ମନ୍ତ୍ରୀଙ୍କୁ ହଟାଯାଇପାରେ। ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କିଛି ରାଜ୍ୟରୁ ମନ୍ତ୍ରୀଙ୍କ ସଂଖ୍ୟାରେ ମଧ୍ୟ ପରିବର୍ତ୍ତନ ହୋଇପାରେ। ମନ୍ତ୍ରିପରିଷଦରେ ଅଦଳବଦଳ ସମୟରେ ୨୦୨୯ ଲୋକସଭା ନିର୍ବାଚନକୁ ମଧ୍ୟ ଧ୍ୟାନରେ ରଖାଯିବ। ଚର୍ଚ୍ଚା ଏହା ମଧ୍ୟ ହେଉଛି ଯେ ନୂଆ ସହଯୋଗୀ ଦଳଗୁଡ଼ିକୁ ମଧ୍ୟ ମନ୍ତ୍ରିପରିଷଦରେ ସ୍ଥାନ ମିଳିପାରେ। ଏହି ମନ୍ତ୍ରିପରିଷଦରେ ମହିଳା ଏବଂ ଯୁବ ମନ୍ତ୍ରୀଙ୍କ ସଂଖ୍ୟା ବଢ଼ିପାରେ। ୧୪ ଜଣ ମନ୍ତ୍ରୀଙ୍କ ପାଖରେ ଏକରୁ ଅଧିକ ମନ୍ତ୍ରଣାଳୟର ଦାୟିତ୍ୱ ରହିଛି।

# ଏଆଇ ପ୍ରଭାବରେ ୧.୭୫,୦୦୦ ଛଟେଇ

**ନୂଆଦିଲ୍ଲୀ:** କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରଭାବରେ ପ୍ରଯୁକ୍ତି ସଂସ୍ଥାଗୁଡ଼ିକରେ ଛଟେଇ ଜାରି ରହିଛି। ୨୦୨୬ରେ ୧,୭୫,୦୦୦ କର୍ମଚାରୀ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ବିଶ୍ୱର ପ୍ରମୁଖ ଟେକ୍ କମ୍ପାନି ଆପଲ୍, ମାଇକ୍ରୋସଫ୍ଟ, ଓରାକଲ୍, ଆମାଜନ, ମେଟା, ଟିକ୍‌ଟକ୍, ଭିସା, ଉବର, ସିସ୍କୋ ଓ ଇଣ୍ଟେଲ ଭଳି ସଂସ୍ଥା କର୍ମଚାରୀ କମ୍ କରିଛନ୍ତି। ଏଆଇ ପ୍ରଭାବରେ ଛଟେଇ ପ୍ରଯୁକ୍ତି, ଗେମିଂ, ଇ-କମର୍ସ, ପେମେଣ୍ଟ ଓ ଅନ୍ୟାନ୍ୟ ଶିଳ୍ପ କ୍ଷେତ୍ରରେ ଦେଖିବାକୁ ମିଳିଛି। କିଛି ସଂସ୍ଥା ଏଆଇ ଓ ଅଟୋମେସନ ପ୍ରଭାବରେ ଛଟେଇ କରିଥିବା କହିଛନ୍ତି। ଖର୍ଚ୍ଚ, ବ୍ୟବସାୟ ପ୍ରାଥମିକତାରେ ପରିବର୍ତ୍ତନ ମଧ୍ୟ କିଛି ସଂସ୍ଥାରେ ଛଟେଇର କାରଣ ହୋଇଛି। 'ଟ୍ରୁଅପ୍' ତଥ୍ୟ ଅନୁସାରେ ଆପଲ୍ ୬୦, ଟିକ୍‌ଟକ୍ ୨୫୦, ଜିଲୋ ୫୦୦ ଓ ଏଚ୍‌ସି ୨୨୦ କର୍ମଚାରୀ ଛଟେଇ କରି ଥିଲେ। ମାଇକ୍ରୋସଫ୍‌ଟ ୪୮୦୦, ଭିସା ୨୬୦୦, ମଣ୍ଡେ ଡଟ୍ କମ୍ ୬୩୦, ପାଟ୍ରିଅନ ୯୩, ଉବର ୧୦ % ଓ ସାମସଙ୍ଗ ୭୩୯ କର୍ମଚାରୀଙ୍କୁ ବିଦା କରିଥିଲେ।

# ଭିକ୍ଷା କରି ରଖିଥିଲେ ଲକ୍ଷ ଲକ୍ଷ ଟଙ୍କା: ଘରୁ ମିଳିଲା ୩୦ ବସ୍ତା ନୋଟ୍



**ବେଙ୍ଗାଲୁରୁ :** କର୍ନାଟକରୁ ସାମ୍ନାକୁ ଆସିଛି ଏକ ଆଶ୍ଚର୍ଯ୍ୟଜନକ ଘଟଣା। ସାରା ଜୀବନ ଭିକ୍ଷା ମାଗି ଜୀବନ ବିତାଇଥିବା ଜଣେ ବୃଦ୍ଧାଙ୍କ ମୃତ୍ୟୁ ପରେ ତାଙ୍କ ଘରୁ ମିଳିଛି ନୋଟ୍‌ଭର୍ତ୍ତି ୩୦ରୁ ଅଧିକ ବସ୍ତା। ବସ୍ତାଗୁଡ଼ିକରେ ୧୦, ୨୦ ଓ ୫୦ଟଙ୍କିଆ ହଜାର ହଜାର ନୋଟ୍ ଥିବା ଜଣାପଡ଼ିଛି । ଟଙ୍କା ଏତେ ଅଧିକ ଥିଲା ଯେ ଗଣିବା ପାଇଁ ମେସିନ୍ ମଗାଇବାକୁ ପଡ଼ିଥିଲା। ଘଟଣାଟି କର୍ନାଟକ ମାଣ୍ଡ୍ୟା ଜିଲା ଗୁଥାଲୁ ଅଞ୍ଚଳର। ସେଠାରେ ହୁର ଉନ୍ନିସା ନାମକ ଜଣେ ବୃଦ୍ଧା ତାଙ୍କ ଭଉଣୀଙ୍କ ସହ ରହୁଥିଲେ। ଉଭୟ ଭଉଣୀ ବିବାହ କରିନଥିଲେ ଏବଂ ଭିକ୍ଷା ମାଗି ଜୀବନ ଚଳାଉଥିଲେ। ପ୍ରାୟ ଦୁଇ ବର୍ଷ ପୂର୍ବେ ଉନ୍ନିସାଙ୍କ ଭଉଣୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସେ ଏକାକୀ ରହୁଥିଲେ। ଦୀର୍ଘଦିନ ଧରି ଅସୁସ୍ଥ ଥିବା ଉନ୍ନିସାଙ୍କର ରବିବାର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଲୋକେ ଘର ଯାଞ୍ଚ କରିଥିଲେ । ଏହି ସମୟରେ ଘରୁ ୩୦ରୁ ଅଧିକ ବସ୍ତା ମିଳିଥିଲା, ଯେଉଁଥିରେ ଭର୍ତ୍ତି ଥିଲା ନଗଦ ଟଙ୍କା। ମିଳିଥିବା ଟଙ୍କା ମଧ୍ୟରୁ ଏପର୍ଯ୍ୟନ୍ତ ପ୍ରାୟ ୮ରୁ ୯ ଲକ୍ଷ ଟଙ୍କା ଗଣା ସରିଛି । ତେବେ ଆହୁରି ପ୍ରାୟ ୨୦ଟି ବସ୍ତାରେ ଥିବା ଟଙ୍କା ଗଣିବା ବାକି ରହିଛି। ଟଙ୍କା ଗଣିବା ପାଇଁ ମେସିନ୍ ମଧ୍ୟ ଅଣାଯାଇଛି ।ଉନ୍ନିସାଙ୍କ ଘରୁ ମିଳିଥିବା ଟଙ୍କାକୁ ବର୍ତ୍ତମାନ ଗୁଥାଲୁ ଅଞ୍ଚଳର ଏକ ମସଜିଦ୍‌ର ହେପାଜତରେ ରଖାଯାଇଛି। ତାଙ୍କ ସମ୍ପର୍କୀୟମାନଙ୍କୁ ମଧ୍ୟ ଏହି ଟଙ୍କା ସମ୍ପର୍କରେ ଜଣାଇ ଦିଆଯାଇଛି। ଅବଶିଷ୍ଟ ବସ୍ତାଗୁଡ଼ିକର ଟଙ୍କା ସମ୍ପର୍କୀୟଙ୍କ ଉପସ୍ଥିତିରେ ଗଣାଯିବ। ଏହାପରେ ଉନ୍ନିସା ଜୀବନସାରା ଭିକ୍ଷା ମାଗି ଜମା କରିଥିବା ଟଙ୍କା କାହାକୁ ଦିଆଯିବ, ସେନେଇ ନିଷ୍ପତ୍ତି ନିଆଯିବ। ଏହି ଘଟଣାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଦ୍ରୁତଗତିରେ ଭାଇରାଲ ହେଉଛି ।

ଓଡ଼ିଶା ନିଶବ୍ଦ
THE ODISHA NISHABDA

# ଗରିମା ଦିବସ: ମୃତ ସଫେଇ କର୍ମୀଙ୍କ ପରିବାରକୁ ମିଳିଲା ୧୦ଲକ୍ଷ



- ସ୍ୱଚ୍ଛତା ଦେଉଥିବା ହାତର ଗରିମା ରକ୍ଷା ଆମର ଦାୟିତ୍ୱ: ମୁଖ୍ୟମନ୍ତ୍ରୀ
- ମୃତ ସଫେଇ କର୍ମୀଙ୍କ ପରିବାରକୁ ମିଳିଲା ୧୦ଲକ୍ଷ ବୀମା ରାଶି
- ଯୋଗଦେଲେ ୮ ରାଜ୍ୟର ବିଶେଷଜ୍ଞ, ଅଧିକାରୀ, ସଫେଇ କର୍ମୀ

**ଭୁବନେଶ୍ୱର:** ସମୃଦ୍ଧ ଓଡ଼ିଶା ପାଇଁ ସ୍ୱଚ୍ଛ ସହର, ସୁରକ୍ଷିତ ପରିବେଶ ନିତାନ୍ତ ଆବଶ୍ୟକ। ଏହାଠାରୁ ଅଧିକ ଆବଶ୍ୟକ ଓ ଅପରିହାର୍ଯ୍ୟ ହେଉଛି, ଯେଉଁମାନେ ଏହି ସ୍ୱଚ୍ଛତାକୁ ସୁନିଶ୍ଚିତ କରୁଛନ୍ତି, ସେମାନଙ୍କ ସୁରକ୍ଷା। ଯେଉଁ ହାତ ସ୍ୱଚ୍ଛତା ଦିଏ, ସେହି ହାତର ଗରିମା ରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଜି 'ଗରିମା ଦିବସ-୨୦୨୬' ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଜାତୀୟ କର୍ମଶାଳା 'ମିସନ୍ ଜିରୋ-ସଫେଇ କାର୍ଯ୍ୟରେ ମୃତାହତ ଘଟଣାର ଅବସାନ'ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ 'ଗରିମା ଦିବସ' ଭାବେ ପାଳନ କରିବାକୁ ଘୋଷଣା କରିଛନ୍ତି। ଏହି ଦିବସ ସଫେଇ କର୍ମୀଙ୍କ ସାମାଜିକ ସୁରକ୍ଷା ଓ ସମାଜରେ ମର୍ଯ୍ୟାଦା ବୃଦ୍ଧି ପାଇଁ ସମର୍ପିତ ହେବ ବୋଲି କହିଛନ୍ତି। କର୍ମଶାଳାରେ ୮ଟି ରାଜ୍ୟର ସଫେଇ କ୍ଷେତ୍ରରେ କାର୍ଯ୍ୟରତ ବିଶେଷଜ୍ଞ, ଅଧିକାରୀଙ୍କ ସମେତ ସଫେଇ କର୍ମଚାରୀମାନେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ୨୦୧୪ ଅଗଷ୍ଟ ୧୫ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସ୍ୱଚ୍ଛତା ଅଭିଯାନ ଆଜି ଜନଆନ୍ଦୋଳନରେ ପରିଣତ ହୋଇଛି। ଦେଶର ଅର୍ଥନୀତି, ପ୍ରତିରକ୍ଷା ଓ ବିଦେଶ ନୀତି ସହିତ ସମାନ ଗୁରୁତ୍ୱ ପାଇଛି।

ପ୍ରଧାନମନ୍ତ୍ରୀ ନିଜେ ହାତରେ ଝାଡୁ ଧରି ସଫେଇ କର୍ମୀଙ୍କ ସାମାଜିକ ଉତ୍ଥାନର ପ୍ରତୀକ ସାଜିବା ସହ ଦେଶବାସୀଙ୍କୁ ସନ୍ଦେଶ ଦେଲେ 'ସ୍ୱଚ୍ଛତା କୌଣସି ଛୋଟ କାମ ନୁହେଁ, ଏହା ରାଷ୍ଟ୍ର ନିର୍ମାଣର କାମ'। ଆଜି ଡ୍ରୋନ୍ ଜରିଆରେ ଆମେ ସୀମା ସୁରକ୍ଷା କରୁଛୁ। ରୋବୋଟିକ୍ସ, କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ଓ ନୂଆ ଟେକ୍ନୋଲୋଜି ଉଦ୍ଭାବନ କ୍ଷେତ୍ରରେ ଭାରତ ଆଗକୁ ବଢୁଛି। ଭାରତ ସରକାରଙ୍କ ନମସ୍ତେ ଯୋଜନା ଜରିଆରେ ସଫେଇ କ୍ଷେତ୍ରରେ ଯନ୍ତ୍ରାଂଶ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ଆଜି ସମୟ ଆସିଛି, ସଫେଇକର୍ମୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ବିପଜ୍ଜନକ ସଫେଇ କାର୍ଯ୍ୟରେ ଯନ୍ତ୍ରାଂଶ ବ୍ୟବହାର କରିବା। ସଫେଇ କର୍ମୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ଏ ଦିଗରେ ସୁଦକ୍ଷ କରିବାକୁ ପଡ଼ିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଫେଇ କର୍ମୀ ସ୍ୱର୍ଗତ ପ୍ରତାପ ଦଳେଇଙ୍କ ପତ୍ନୀଙ୍କୁ ୧୦ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଆମର ଲକ୍ଷ୍ୟ ହେଉଛି ମୃତ୍ୟୁ ପରେ ସହାୟତା ନୁହେଁ, ମୃତ୍ୟୁ ପୂର୍ବରୁ ସୁରକ୍ଷା।

ଦୁର୍ଘଟଣା ପରେ କ୍ଷତିପୂରଣ ନୁହେଁ, ଦୁର୍ଘଟଣା ପୂର୍ବରୁ ପ୍ରତିରୋଧ। ଆମେ ଚାହୁଁଛୁ, ବିପଦପୂର୍ଣ୍ଣ ଭାବେ କାର୍ଯ୍ୟରତ ଆମର କର୍ମଯୋଗୀଙ୍କ ଜୀବନ ସୁରକ୍ଷିତ ରହୁ। ଏହା ହିଁ ମିସନ୍ ଜିରୋର ଆଭିମୁଖ୍ୟ। ଏହି ଅବସରରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନସଂପନ୍ନ ଯନ୍ତ୍ରାଂଶ ବ୍ୟବହାର ଓ ସୁରକ୍ଷା ଉପକରଣ ଉପରେ ଆୟୋଜିତ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ସଫେଇ କର୍ମୀଙ୍କୁ ବାସଗୃହ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏଥିରେ କେନ୍ଦ୍ର ସାମାଜିକ ନ୍ୟାୟ ବିଭାଗ ସଚିବ ସୁଧାଂଶୁ ପନ୍ତ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅର୍ବାନ ମ୍ୟାନେଜମେଣ୍ଟ ସେଣ୍ଟରର ନିର୍ଦ୍ଦେଶିକା ମନ୍ୱିତା ବରାଡ଼ି, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ସଂଶୋଧିତ ହେବ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନ



**ଭୁବନେଶ୍ୱର:** ରାଜ୍ୟରେ ମଠ, ମନ୍ଦିର ଓ ଧାର୍ମିକ ଅନୁଷ୍ଠାନଗୁଡ଼ିକର ପରିଚାଳନା ନିମନ୍ତେ ପ୍ରଚଳିତ ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନ ୧୯୫୧ ସଂଶୋଧିତ ହେବ। ମଠ, ମନ୍ଦିରଗୁଡ଼ିକର ପରିଚାଳନା ନିମନ୍ତେ ସ୍ୱଷ୍ଟ ଓ ନିର୍ଦ୍ଦିଷ୍ଟ ନୀତି ଓ ନିୟମ ନିର୍ଦ୍ଧାରଣ କରାଯିବ। ଆଜି ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଆଜିର ଏହି ବୈଠକରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧକ୍ଷତା କରିଥିଲେ। ବୈଠକରେ ପ୍ରଚଳିତ ଆଇନରେ ଥିବା ବହୁ ଅନାବଶ୍ୟକ ଧାରା ଓ ଉପଧାରାକୁ ଯୁଗୋପଯୋଗୀ ଅନୁଯାୟୀ ସଂଶୋଧନ ନେଇ ଆଲୋଚନା ହୋଇଥିଲା । ଏଥି ସହିତ କମିଶନର, ଅତିରିକ୍ତ କମିଶନର ଏବଂ କ୍ଷମତାପ୍ରାପ୍ତ ଅଧିକାରୀଙ୍କ କ୍ଷମତା, କ୍ୟାଡର ପୁନର୍ଗଠନ, ଦେବୋତ୍ତର ବିଭାଗରେ ନୂଆ ନିଯୁକ୍ତି ସୃଷ୍ଟି ନେଇ ମଧ ଆଲୋଚନା ହୋଇଥିଲା ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି ଯେ ଏହି ସଂଶୋଧିତ ଆଇନ କାର୍ଯ୍ୟକାରୀ ହେଲେ ମନ୍ଦିର, ମଠ ଏବଂ ଧାର୍ମିକ ଅନୁଷ୍ଠାନର ପ୍ରଶାସନିକ ଓ ଆର୍ଥିକ ସୁପରିଚାଳନା ଅଧିକ ସୁଦୃଢ଼ ହୋଇପାରିବ ।

ଏହି ବୈଠକରେ ଲ'କମିଶନର ଜଷ୍ଟିସ୍ ବିଶ୍ୱନାଥ ରଥ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଦେବୋତ୍ତର କମିଶନର ସତ୍ୟ ନାରାୟଣ ଷଡ଼ଙ୍ଗୀ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଏବଂ ଅତିରିକ୍ତ ସରକାରୀ ଅଧିବକ୍ତା ମନ୍ମଥ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରସ୍ତୁତି ବୈଠକ

# ୨ତାରିଖରେ ପ୍ରଥମ ପର୍ଯ୍ୟାୟ ଯାତ୍ରା



**ଭୁବନେଶ୍ୱର:** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ବୈଠକ ଖୋରଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ଖୋରଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାର ୭୭୫ ତୀର୍ଥଯାତ୍ରୀ ସେପ୍ଟେମ୍ବର ୨ରେ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟ୍ରେନରେ ବାରଣାସୀ-ଅଯୋଧ୍ୟା ଯାତ୍ରା କରିବେ । ସେମାନେ ତୀର୍ଥ ସାରି ସେପଟ୍ମେର ୭ତାରିଖରେ ଭୁବନେଶ୍ୱରରେ ପହଞ୍ଚିବେ । ସେମାନଙ୍କୁ ସହଯୋଗ କରିବାକୁ ୨୫ଜଣ ଅଧିକାରୀ ମଧ ଯାତ୍ରା କରିବେ । ଏହି ପ୍ରଥମ ପର୍ଯ୍ୟାୟରେ ଖୋରଧା ଜିଲ୍ଲାର ୧୬୯ଜଣ, ପୁରୀରୁ ୧୨୭, କଟକର ୧୯୭, ଜଗତସିଂହପୁର ଜିଲ୍ଲାର ୮୫, କେନ୍ଦ୍ରାପଡ଼ାରୁ ୧୦୮ଓ ଢେଙ୍କାନାଳ ଜିଲ୍ଲାର ୮୯ଜଣ ତୀର୍ଥଯାତ୍ରୀ ଯାତ୍ରା କରିବେ । ରାଜ୍ୟ ସରକାରଙ୍କ ଏହି ଯୋଜନା ମାଧ୍ୟମରେ ଆର୍ଥିକ ସ୍ୱଚ୍ଛଳ ନଥିବା ବରିଷ୍ଠ ନାଗରିକମାନେ ବିନା ମୂଲ୍ୟରେ ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣ କରିବାର ସୁଯୋଗ ପାଇପାରିବେ। ୧ ତାରିଖରେ ସମ୍ପୃକ୍ତ ଜିଲ୍ଲାରୁ ସ୍ୱତନ୍ତ୍ର ବସ ଦ୍ୱାରା ତୀର୍ଥଯାତ୍ରୀମାନେ ପହଞ୍ଚିବା ପରେ ସେମାନଙ୍କୁ ଆତିଥେୟତା ପ୍ରଦାନ କରାଯିବ । ଏଥିନିମନ୍ତେ କ୍ୟାପିଟାଲ ହାଇସ୍କୁଲ, ଭାରତ ସ୍କାଉଟ ଓ ଗାଇଡ଼, ବିପିନ ବିହାରୀ ଚୌଧୁରୀ ଶ୍ରୁତିବାଧିତ ଓ ଭୀମ ଭୋଇ ଦୃଷ୍ଟି ବାଧିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ରହିବା, ସୁରକ୍ଷା ଖାଦ୍ୟପେୟ ଓ ଭଜନ କାର୍ଯ୍ୟକ୍ରମର ବ୍ୟାପକ



ବନ୍ଦୋବସ୍ତ କରାଯିବ । ସ୍ୱତନ୍ତ୍ର ଅଧିକାରୀ ମାନେ ଉପସ୍ଥିତ ରହି ପ୍ରକ୍ରିୟାର ଯାଞ୍ଚ କରିବେ ।

ଏଥିନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କରିବା ସହ ଅଧିକାରୀ ମାନେ ଉପସ୍ଥିତ ରହି ଦାୟିତ୍ୱ ସମ୍ପର୍ଣ୍ଣ କରିବାକୁ ଶ୍ରୀ ବେଉରା ପରାମର୍ଶ ଦେଇଛନ୍ତି । ଭୁବନେଶ୍ୱର ଉପ-ଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ପର୍ଯ୍ୟଟନ ସହ ନିର୍ଦ୍ଦେଶକ ଶ୍ରୀ ଅଞ୍ଜନ କୁମାର ବାରିକ, ବିଭିନ୍ନ ବ୍ଲକର ବିଡ଼ିଓ ଓ ତହସିଲଦାର, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ,ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି: ୧୯ ପାଳି ସୁଦ୍ଧା ୯୫ % ସମାଧାନ





**ଭୁବନେଶ୍ୱର:** ୟୁନିଟ୍-୨ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୨୦ତମ ରାଜ୍ୟସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୧୯ଟି ଅଭିଯୋଗ ପ୍ରକୋଷ୍ଠରେ ଦାଖଲ ହୋଇଥିବା ଆପତ୍ତି ଅଭିଯୋଗ ଓ ଆବେଦନଗୁଡ଼ିକର ବିଚାର କରାଯାଇ ୯୫ ପ୍ରତିଶତ ସମାଧାନ କରାଯାଇଛି। ସବୁଥର ପରି ମୁଖ୍ୟମନ୍ତ୍ରୀ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ଆଜି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ୬୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ୧୬ ଜଣଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୧୪.୫୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ ଅରବିନ୍ଦ ପାଢ଼ୀ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୯ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୫,୩୨୭ ଅଭିଯୋଗ ମଧ୍ୟରୁ ୧୪,୫୧୯ ଅର୍ଥାତ ୯୫ ପ୍ରତିଶତ ଅଭିଯୋଗର ସଫଳ ସମାଧାନ କରାଯାଇସାରିଛି।

# ନକଲି ପନିର ବିକ୍ରି କଲେ ହେବ ଦୃଢ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର:** ସନ୍ଦେହଜନକ ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ କରାଯାଇ ଯାଞ୍ଚ ପାଇଁ ପଠାଯାଉଛି । ନିୟମ ଉଲ୍ଲଂଘନ କରି ନକଲି କିମ୍ବା ଅପମିଶ୍ରିତ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ ନିୟମାନୁସାରେ କଠୋର ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ନକଲି ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ । ବଜାରରେ ନକଲି ପନିର ବିକ୍ରି ନେଇ ବିଭିନ୍ନ ଘଟଣା ସାମ୍ନାକୁ ଆସିବା ପରେ ଏନେଇ ସତର୍କ ହୋଇଛି ସ୍ୱାସ୍ଥ୍ୟ ବିଭାଗ । ନକଲି ପନିର ସହ ଅନ୍ୟ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରି ଉପରେ ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

ନକଲି ପନିର ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପାଖରେ ପୂର୍ବରୁ ସୂଚନା ଥିଲା । ଗତ ୭ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି । ବିଶେଷକରି ନକଲି ପନିର ଓ ଅନ୍ୟ ନକଲି ଖାଦ୍ୟ ସାମଗ୍ରୀର ଉତ୍ପାଦନ ଏବଂ ବିକ୍ରି ଉପରେ ନଜର ରଖାଯାଉଛି । ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ମଧ ଚଢ଼ାଉ ଜାରି ରହିଛି । ସନ୍ଦେହଜନକ ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ କରାଯାଇ ଯାଞ୍ଚ ପାଇଁ ପଠାଯାଉଛି । ନିୟମ ଉଲ୍ଲଂଘନ କରି ନକଲି କିମ୍ବା ଅପମିଶ୍ରିତ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ ନିୟମାନୁସାରେ କଠୋର ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।

ଆଗକୁ ପାର୍ବଣ ଋତୁ ଥିବାରୁ ବଜାରକୁ ବିଭିନ୍ନ ପ୍ରକାର ନକଲି ଓ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ଆସିବାର ଆଶଙ୍କା ରହିଛି । ତେଣୁ ଖାଦ୍ୟ କିଣିବା ସମୟରେ ଗ୍ରାହକମାନେ ସତର୍କ ରହିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଖାଦ୍ୟ ସାମଗ୍ରୀର ମାନ, ଉତ୍ପାଦନ ତାରିଖ, ମିଆଦ ତାରିଖ ଏବଂ ପ୍ୟାକେଟ୍‌ରେ ଥିବା ଲେବଲ୍ ଯାଞ୍ଚ କରିବା ପରେ ହିଁ ଖାଦ୍ୟ କିଣିବାକୁ କୁହାଯାଇଛି ।

# ବନ୍ୟାରେ ରିଲ୍ସ ନିଶା, ଜଳବନ୍ଦୀ ମଧ୍ୟରେ ଯୁବପିଢ଼ିଙ୍କ ଦୁଃସାହସିକ ଭିଡିଓ



**ବାଲେଶ୍ୱର:** ଲଗାଣ ବର୍ଷାରେ ବେହାଲ୍ ବାଲେଶ୍ୱର । ପଛକୁ ପଛ ଲଘୁଚାପ ଯୋଗୁଁ ସହରର ବିଭିନ୍ନ ଅଞ୍ଚଳ ଜଳବନ୍ଦୀ ହୋଇପଡ଼ିଛି । ଘରଠାରୁ ଆରମ୍ଭ କରି ରାସ୍ତା ଓ ବ୍ୟବସାୟିକ ପ୍ରତିଷ୍ଠାନ—ସବୁଠି ପାଣି ଜମିଛି । ବାରମ୍ବାର ଏଭଳି କୃତ୍ରିମ ବନ୍ୟାର ସାମ୍ନା କରୁଥିବା ସହରବାସୀ ଅତିଷ୍ଠ ହୋଇପଡ଼ିଥିବା ବେଳେ ଏହାରି ଭିତରେ କିଛି ଯୁବକଙ୍କ ରିଲ୍ସ ନିଶାକୁ ନେଇ ଅସନ୍ତୋଷ ଦେଖାଦେଇଛି ।

ବର୍ଷା ହେବା ମାତ୍ରେ ମୋବାଇଲ୍ ଧରି ଜଳମଗ୍ନ ଅଞ୍ଚଳରେ ପହଞ୍ଚି ଯାଉଛନ୍ତି କିଛି ଯୁବକ। ପାଣିରେ ବିଭିନ୍ନ ଦୁଃସାହସିକ ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରୁଛନ୍ତି। ଏପରିକି ବସ୍ ଉପରୁ ରାସ୍ତାରେ ଜମିଥିବା ପାଣିକୁ ଡେଇଁବା, ବନ୍ୟା ପାଣିରେ କେକ୍ କାଟି ଜନ୍ମଦିନ ପାଳନ କରିବା ଭଳି ଦୃଶ୍ୟ ମଧ ସାମ୍ନାକୁ ଆସୁଛି । କେହି କେହି ଜଳମଗ୍ନ ରାସ୍ତାରେ ଭାସମାନ ବଜାର କରି ଜିନିଷ ବିକ୍ରି କରୁଥିବା ବେଳେ ଆଉ କେହି ନର୍ଦ୍ଦମା ପାଣିରେ ଖେଳିବା ଓ ମାଛ ଧରିବାର ଭିଡିଓ କରୁଛନ୍ତି। ଏଭଳି ଭିଡିଓ ଜଳବନ୍ଦୀ ଲୋକଙ୍କ ଦୁର୍ଦ୍ଦଶାକୁ ଉପହାସ କରୁଛି ବୋଲି ସହରବାସୀ ଅଭିଯୋଗ କରିଛନ୍ତି । ପ୍ରବଳ ବର୍ଷା ଯୋଗୁ ବାରମ୍ବାର ବନ୍ୟା ପରିସ୍ଥିତି ଯୋଗୁ ଜନସାଧାରଣଙ୍କ ଜୀବନ ଦୁର୍ବିସହ ହୋଇପଡିଛି ଏବଂ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ କେହି କେହି ବନ୍ଧ ଉପରେ ଗୃହପାଳିତଙ୍କ ସହ ଆଶ୍ରୟ ନେଉଥିବା ବେଳେ କେହି ଘରେ ଖଟ ଉପରେ ବସିଛନ୍ତି। ତେଣୁ ଏହିସବୁ ରିଲ୍ସ ସେମାନଙ୍କୁ ଉପହାସ କଲାଭଳି ଲାଗୁଛି। ବନ୍ୟା ପାଣିରେ ଏଭଳି ଭିଡିଓ କରିବା ସମୟରେ ଅଘଟଣ ଘଟିବାର ଆଶଙ୍କା ମଧ ରହିଛି । ଅନ୍ୟପଟେ ଏଭଳି ଦୃଶ୍ୟ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ଫଳରେ ଜଳବନ୍ଦୀ ଲୋକଙ୍କ ଯନ୍ତ୍ରଣା ବଦଳରେ ଲୋକଙ୍କ ନଜର ମଜାଳିଆ ଭିଡିଓ ଉପରେ ପଡୁଛି। ଏହାକୁ ବୁଦ୍ଧିଜୀବୀମାନେ ନାପସନ୍ଦ କରିବା ସହ ନିନ୍ଦନୀୟ ବୋଲି କହିଛନ୍ତି । ଏଭଳି ରିଲ୍ସ ଟ୍ରେଣ୍ଡ ଉପରେ ରୋକ୍ ଲଗାଇବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ଦାବି ହୋଇଛି । ଏନେଇ ରେମୁଣା ବିଧାୟକ ମଧ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ ବୋଲି କହିଛନ୍ତି।

## ପ୍ରେମରୁ ଉତ୍ପତ୍ତି ପାରିବାରିକ ବନ୍ଧନ

ଶ୍ରୀଅରବିନ୍ଦଙ୍କ ଭାଷାରେ ଏକ ଆଧାତ୍ମିକ ପରିପ୍ରେକ୍ଷୀରେ ପ୍ରକୃତ ପରିବାର ରକ୍ତ-ପରିବାର ଦ୍ୱାରା ନୁହେଁ, ବରଂ ଏକ ସହଭାଗୀ ଆଭ୍ୟନ୍ତରୀଣ ସମନ୍ୱୟ, ଏକ ସାଧାରଣ ଆଧାତ୍ମିକ ଆକାଂକ୍ଷା ଏବଂ ଜୀବନରେ ଏକ ଏକୀକୃତ ଲକ୍ଷ୍ୟ ସ୍ଥିରିକୃତ ହୋଇଥାଏ। ଭୌତିକ ପରିବାର ବନାମ ଆଧାତ୍ମିକ ପରିବାର ଦୃଶ୍ୟପଟରେ ଶ୍ରୀଅରବିନ୍ଦ ଏବଂ ତାଙ୍କର ଆଧାତ୍ମିକ ସହଯୋଗୀ ଶ୍ରୀମା' ପରିବାରର ଧାରଣାକୁ ଦୁଇଟି ଭିନ୍ନ ରେଖାରେ ପରିଭାଷିତ କରିଥିଲେ। ପ୍ରଥମଟି ସାଂସାରିକ ଆବଶ୍ୟକତା ଦ୍ୱାରା ଗଠିତ ଏକ ସାମାଜିକ ପ୍ରତିଷ୍ଠାନ ଭାବରେ ଦେଖାଯାଏ ଓ ଏହା ଜୀବନର ଗୃହସ୍ଥ ପର୍ଯ୍ୟାୟ ପାଇଁ ଉଦ୍ଦିଷ୍ଟ। ଯଦିଓ ଏହା ସହଯୋଗର ଶିକ୍ଷାଦିଏ, ଏହା ମୌଳିକ ଭାବରେ ସାଧାରଣ ଭୌତିକ ପ୍ରକୃତି ସହିତ ବନ୍ଧା ରହିଥାଏ ଏବଂ ପ୍ରାୟତଃ ସଂକୀର୍ଣ୍ଣ ଆସକ୍ତିର ଉତ୍ସ ହୋଇପାରେ। ଆଧାତ୍ମିକ ପରିବାର ଏକ ଆଭ୍ୟନ୍ତରୀଣ ପ୍ରତିବଦ୍ଧତା ଏବଂ ପ୍ରତିଧ୍ୱନି ଦ୍ୱାରା ପରିଭାଷିତ। ଯେଉଁମାନେ ସମାନ ଆଧାତ୍ମିକ ଆକାଂକ୍ଷା ବାଣ୍ଟିଥା'ନ୍ତି, ସେମାନେ ସମାନ ଭବିଷ୍ୟତ ସୃଷ୍ଟି କରିବାକୁ ଚାହାନ୍ତି ଏବଂ ବାହ୍ୟ ବାଧବାଧକତା ବିନା ପରସ୍ପରକୁ ବୁଝିବାକୁ ଚାହାନ୍ତି। ଶ୍ରୀମା' ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ, ଏହି ଆଧାତ୍ମିକ ବନ୍ଧନ ବହୁ ଜୀବନକାଳ ପର୍ଯ୍ୟନ୍ତ ରହିପାରେ। ଆଧାତ୍ମିକ ଅଭ୍ୟାସ ଏବଂ ବିବର୍ତ୍ତନରେ ପରିବାର ଏକ ସକ୍ରିୟ ଆଧାତ୍ମିକ ଶୃଙ୍ଖଳା ଅନୁସରଣ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଉଦ୍ଦିଷ୍ଟ ଓ ଶ୍ରୀଅରବିନ୍ଦ ଶିକ୍ଷା ଦେଇଥିଲେ ଯେ, ପାରମ୍ପରିକ ପାରିବାରିକ ବନ୍ଧନ ସ୍ୱାଭାବିକ ଭାବରେ ଦ୍ୱେଷରୁ ନୁହେଁ, ବରଂ ଏକ ଉଚ୍ଚ, ସାର୍ବଜନୀନ ଦିବ୍ୟ ପ୍ରେମରେ ବୃଦ୍ଧି ମାଧ୍ୟମରେ ପତିତ ହୁଏ। ଦୈନନ୍ଦିନ ଦାୟିତ୍ୱ ବିଷୟରେ ସେ ପରାମର୍ଶ ଦେଇଥିଲେ ଯେ, ସାଧାରଣ ଚେତନା ମଧ୍ୟରେ ଥିବା ସମୟରେ ପାରିବାରିକ କର୍ତ୍ତବ୍ୟଗୁଡ଼ିକୁ ପୂରଣ କରିବା ଆବଶ୍ୟକ। ତଥାପି ଯଦି ଆଧାତ୍ମିକ ଜୀବନ ପାଇଁ ଏକ ଗଭୀର ଆହ୍ୱାନ ଉପନୀତ ହୁଏ, ତେବେ ବ୍ୟକ୍ତିଙ୍କ ଧ୍ୟାନ ସେହି ଜୈବିକ କିମ୍ବା ସାମାଜିକ ସୀମା ବଜାୟ ରଖିବା ପରିବର୍ତ୍ତେ ଈଶ୍ୱରୀୟତାକୁ ସାକାର କରିବା ଦିଗରେ କଠିନ ଭାବରେ ସ୍ଥାନାନ୍ତରିତ ହେବା ଉଚିତ। ଶ୍ରୀଅରବିନ୍ଦ ସାଧାରଣ ସାମାଜିକ ଜୀବନ ପାଇଁ ପରିବାରକୁ ଏକ ପ୍ରାକୃତିକ, ମୂଳଦୁଆ ଏକକ ଭାବରେ ଦେଖୁଥିଲେ; କିନ୍ତୁ ଏହାକୁ ଘନିଷ୍ଠ ଆଧାତ୍ମିକ ବିକାଶ ପାଇଁ ଏକ ସମ୍ଭାବ୍ୟ ପ୍ରତିବନ୍ଧକ ଭାବରେ ସ୍ୱୀକାର କରିଥିଲେ। ତାଙ୍କ ମତରେ ପରିବାରକୁ ବାହ୍ୟ ଭାବରେ ପରିତ୍ୟାଗ କରିବାର ଆବଶ୍ୟକତା ନାହିଁ, କିନ୍ତୁ ପ୍ରକୃତ ଆଧାତ୍ମିକ ପ୍ରଗତି ଶେଷରେ ଏକ ସାର୍ବଜନୀନ ଦିବ୍ୟ ପ୍ରେମ ସପକ୍ଷରେ ଶାରୀରିକ ବନ୍ଧନରୁ ବିଚ୍ଛିନ୍ନତା ଆବଶ୍ୟକ କରେ।

ଶ୍ରୀଅରବିନ୍ଦଙ୍କ ଦର୍ଶନ ପାରିବାରିକ ଜୀବନ ବିଷୟରେ ଅନେକ ସ୍ପଷ୍ଟ ଦୃଷ୍ଟିକୋଣକୁ ରୂପରେଖା ପ୍ରଦାନ କରେ। ଗୃହସ୍ଥ ପର୍ଯ୍ୟାୟରେ ସେ ସାଧାରଣ ମାନବ ଚେତନା ପାଇଁ ପରିବାରକୁ ଜୀବନର ଏକ ଗ୍ରହଣୀୟ ଏବଂ ଆବଶ୍ୟକ ପର୍ଯ୍ୟାୟ ଭାବରେ ସ୍ୱୀକାର କରିଥିଲେ। ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି ଏହି ନିୟମିତ ସାଂସାରିକ ଅବସ୍ଥା ମଧ୍ୟରେ କାର୍ଯ୍ୟ କରନ୍ତି, ସେପର୍ଯ୍ୟନ୍ତ ପାରିବାରିକ କର୍ତ୍ତବ୍ୟ ବୈଧ। ଯୋଗ ଅଭ୍ୟାସ କରୁଥିବା ଲୋକଙ୍କ ପାଇଁ ସେ ଉଲ୍ଲେଖ କରିଥିଲେ ଯେ, ଚେତନା ଈଶ୍ୱରୀୟ ଆଡ଼କୁ ମୁହାଁଇବା ସହିତ ପାରିବାରିକ ବନ୍ଧନ ସ୍ୱାଭାବିକ ଭାବରେ 'ପତନ' ହେବା ଆରମ୍ଭ କରେ। ଏହାହିଁ ଆଧାତ୍ମିକ ବିଚ୍ଛିନ୍ନତା। ସେ ଶିକ୍ଷା ଦେଇଥିଲେ ଯେ ମାତାପିତା ଏବଂ ସମ୍ପର୍କୀୟମାନଙ୍କ ପ୍ରତି ଆସକ୍ତି ସାଧାରଣ ଭୌତିକ ପ୍ରକୃତି ସହିତ ଜଡ଼ିତ ଏବଂ ଦିବ୍ୟ ପ୍ରେମ ସହିତ ଏହାର କୌଣସି ସମ୍ପର୍କ ନାହିଁ। ସେ ପରାମର୍ଶ ଦେଇଥିଲେ ଯେ ଜଣେ ନିଜର ଆଧାତ୍ମିକ ଯାତ୍ରାକୁ ଗଭୀର କରିବା ସହିତ ସମ୍ପର୍କ ବିକଶିତ କରିବା ଉଚିତ। ଅର୍ଥାତ୍ ? ସମ୍ପର୍କରେ ଅପେକ୍ଷିତ ପରିବର୍ତ୍ତନ ଜରୁରୀ। ଏହା ଶାରୀରିକ ଉତ୍ପତ୍ତି କିମ୍ବା ପୁରୁଣା ପାରିବାରିକ ଅଭ୍ୟାସ ଉପରେ ଆଧାରିତ ହେବା ପରିବର୍ତ୍ତେ ସେଗୁଡ଼ିକ ଏକ ସହଭାଗୀ ଆଧାତ୍ମିକ ପଥ ବା ସାଧନା ଉପରେ ଆଧାରିତ ହେବା ଉଚିତ। ସାଧାରଣ ଜନତାଙ୍କ ପାଇଁ ପାରିବାରିକ ସମ୍ପର୍କକୁ ସମ୍ପୂର୍ଣ୍ଣ ଭାଙ୍ଗିବା ଆବଶ୍ୟକ ନୁହେଁ।

# ସ୍ୱାଧୀନ ଭାରତର ସ୍ଥପତି-ମୌଲାନ ଆଜାଦ୍

**ଶ୍ରୀବତ୍ସ ନାୟକ**

ଭାରତକୁ ଇଂରେଜମାନେ ଶାସନରୁ ମୁକ୍ତ କରି ସ୍ୱାଧୀନତା ଦେବା ପାଇଁ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ଏବଂ ସ୍ୱାଧୀନତା ଲାଭ କରିବା ପରେ ସ୍ୱାଧୀନ ଭାରତର ବିକାଶ ପାଇଁ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଶିକ୍ଷା ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱକୁ ସୂଚାରୁରୂପେ ସମ୍ପାଦିତ କରି ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ନୂତନ ରୂପରେଖ ଦେବାରେ ତାଙ୍କର ଅବଦାନ ଅବିସ୍ମରଣୀୟ। ସେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାମ୍ବାଦିକ, ଓକିଲ, ସମାଜ, ସଂସ୍କାରକ ଏବଂ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଭାବେ ସର୍ବଜନ ବିଦିତ। ଉନ୍ନତ ରାଷ୍ଟ୍ର ତଥା ସୁସ୍ଥ ସମାଜ ଗଠନ ନିମନ୍ତେ ଶିକ୍ଷା ଅପରିହାର୍ଯ୍ୟ ବୋଲି ଅନୁଭବ କରି ସେ ଶିକ୍ଷା ବ୍ୟବସ୍ଥାରେ ଯେଉଁ କ୍ରାନ୍ତିକାରୀ ସଂସ୍କାର ଆଣିଥିଲେ ତାହା ଏକ ପ୍ରକାରେ ଭାରତକୁ ବିଶ୍ୱଗୁରୁ ଆଡ଼କୁ ଅଗ୍ରସର କରିପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏ ସବୁର କର୍ଣ୍ଣଧାର ହେଉଛନ୍ତି ଅବୁଲ କଲାମ ଆଜାଦ।

ମୌଲାନ ସୟଦୀ ଅବୁଲ୍ କାଲାମ ଗୁଲାମ ମୁହିୟୁଦ୍ଦିନ୍ ଆଜାଦ୍ ୧୮୮୮ ମସିହା ନଭେମ୍ବର ମାସ ୧୧ ତାରିଖରେ ମକ୍କାଠାରେ ଜନ୍ମଗ୍ରହଣ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୮୯୦ ମସିହାରେ କଲିକତାକୁ ଫେରି ସେଠାରେ ନିଜ ପରିବାର ସହିତ ବସବାସ କରୁଥିଲେ। ତାଙ୍କର ମାତା ଓ ପିତା ଉଭୟ ବିଦ୍ୱାନ ଥିବାରୁ ଖୁବ୍ କମ୍ ବୟସରେ ହିନ୍ଦୀ, ପାର୍ସୀ, ବଙ୍ଗାଳୀ, ଆରବୀ ଏବଂ ଇଂଲିଶ ଭାଷାରେ ପାରଦର୍ଶିତା ଲାଭ କରିବା ସହିତ ଜଣେ ମେଧାବୀ ଭାବେ ସେ ସୁପରିଚିତ ଥିଲେ। ଏହା ଛଡ଼ା ଘରୋଇ ଶିକ୍ଷକଙ୍କ ସହାୟତାରେ ସେ ବିଶ୍ୱ ଇତିହାସ, ବିଜ୍ଞାନ, ଦର୍ଶନ ଓ ଗଣିତ ଭଳି ଅନେକ ବିଦ୍ୟା ମଧ୍ୟ ଶିକ୍ଷା କରିଥିଲେ। ମାତ୍ର ୨୨ବର୍ଷ ବୟସରେ ସେ ଜଣେ ମେଧାବୀ ଛାତ୍ର ଭାବେ ଉଭା ହୋଇଥିଲେ। ସେ ନିଜ ଘରେ ଏକ ପାଠାଗାର ଏବଂ ଏକ ଡିବେଟିଂ ସୋସାଇଟି ଚଳାଇବା ସହ 'ମଖଜାନ' ନାମକ ସାହିତ୍ୟ ପତ୍ରିକାରେ ନିଜର ଲେଖା ପ୍ରକାଶ କରୁଥିଲେ। କେବଳ ସେତିକି ନୁହେଁ ନିଜ ଘରେ ସେ ଏଭଳି ଅନେକ ଛାତ୍ରଙ୍କୁ ପାଠ ପଢ଼ାଉଥିଲେ ଯେଉଁମାନଙ୍କ ବୟସ ମୌଲାନାଙ୍କ ବୟସର ଦୁଇଗୁଣ ଥିଲା। ଯୁବକ ସମୟରୁ ସେ କବିତା ରଚନା ତଥା ଧର୍ମ ଏବଂ ଦର୍ଶନ ସମ୍ବନ୍ଧୀୟ ଗ୍ରନ୍ଥ ରଚନା କରିବାରେ ସିଦ୍ଧହସ୍ତ ଥିଲେ। ମାତ୍ର ୧୬ବର୍ଷ ବୟସରେ ସେ ପାରମ୍ପରିକ ଶିକ୍ଷା ସମାପ୍ତ କରି ଜଣେ ସାମ୍ବାଦିକ ଭାବେ ବ୍ରିଟିଶ ରାଜ ସମୟରେ ମହତ୍ତ୍ୱପୂର୍ଣ୍ଣ ଘଟଣା ସବୁର ସମୀକ୍ଷା କରିବା ସହ ଭାରତୀୟଙ୍କ ମନରେ ଜାତୀୟତା ଭାବ ଉଦ୍ରେକ କରିବାରେ ତାଙ୍କର ଅନେକ ଲେଖା ତତ୍କାଳୀନ ସମୟରେ ବହୁ ବିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଆଦୃତ ହେବା ସହ ତାଙ୍କର ପ୍ରଚଣ୍ଡ ବୁଦ୍ଧିମତ୍ତାର ପରିଚୟ ପ୍ରଦାନ କରିଥିଲା। ଏସବୁ ସତ୍ତ୍ୱେ ମଧ୍ୟ ପରାଧିନ ଭାରତର ଅବସ୍ଥାକୁ ଅନୁଭବ କରି ସେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିଲେ। ବଙ୍ଗ ବିଭାଜନ ସମୟରେ ଅରବିନ୍ଦ ଘୋଷଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୦୫ ମସିହାରେ ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିଲେ। ବୃତ୍ତିରେ ଜଣେ ସାମ୍ବାଦିକ ଥିବା ମୌଲାନ ସମାଜ ସଂସ୍କାର ତଥା ଭାରତ ସ୍ୱାଧୀନତାପ୍ରାପ୍ତି ନିମନ୍ତେ ବ୍ରିଟିଶ ଶାସନର ତୀବ୍ର ସମାଲୋଚନା କରି ନିଜର ଲେଖନୀ ମୁନରେ ଯେଉଁ ଜାତୀୟତା ଭାବ ପ୍ରକାଶ କରୁଥିଲେ ତାହା ସ୍ୱାଧୀନତା ନିମନ୍ତେ ପ୍ରତ୍ୟେକଟି ଭାରତୀୟଙ୍କ ପିଣ୍ଡରେ ପ୍ରାଣ ସଂଚାର କରୁଥିଲା ଯାହାକୁ ଇଂରେଜମାନେ ସହ୍ୟ କରିପାରୁନଥିଲେ। ତେଣୁ ବ୍ରିଟିଶମାନଙ୍କର ଚକ୍ରାନ୍ତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କର ଖବରକାଗଜଟିକୁ ବନ୍ଦ କରି ଦିଆଯାଇଥିଲା ଯାହା ତାଙ୍କୁ ଗଭୀର ଆଘାତ ଦେଇଥିଲା। ଅନେକ ଘାତ ପ୍ରତିଘାତ ସତ୍ତ୍ୱେ ମଧ୍ୟ ଦେଶର ସବୁ ଲୋକଙ୍କୁ ଏକତ୍ରିତ କରି ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସେ ସଦା ଚେଷ୍ଟିତ ଥିଲେ। ସେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ଏବଂ ଅହିଂସା ଆନ୍ଦୋଳନରେ ଯୋଗ ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ନିଜର ଦକ୍ଷତା ଯୋଗୁ ଖିଲାଫତ୍ ଅନ୍ଦୋଳନର ନେତୃତ୍ୱ ଗାନ୍ଧୀଙ୍କ ନିକଟ ସଂସ୍ପର୍ଶରେ ଆସିଥିଲେ। ଏହାପରେ ସେ ଗାନ୍ଧୀଙ୍କ ଅହିଂସା ତତ୍ତ୍ୱର ଏକ ଉତ୍ସାହୀ ସମର୍ଥକ ପାଲଟିଯାଇଥିଲେ ଏବଂ ସ୍ୱଦେଶୀ ଓ ସ୍ୱରାଜ ସମ୍ବନ୍ଧରେ ଗାନ୍ଧୀଙ୍କ ବିଚାରଧାରା ପ୍ରଚାର କରିବାରେ ନିଜର ପ୍ରତିବଦ୍ଧତା ପରିପ୍ରକାଶ କରିଥିଲେ। ଚୌରଚୌରା ହତ୍ୟାକାଣ୍ଡ ଯୋଗୁ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ବନ୍ଦ ହୋଇଯିବାରୁ ୧୯୨୨ ମସିହାରେ ମୌଲାନ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଗାନ୍ଧିଜୀଙ୍କ ନେତୃତ୍ୱକୁ ଆଗକୁ ନେବା ପାଇଁ ସମଗ୍ର ଭାରତବାସୀଙ୍କୁ ପ୍ରବର୍ତ୍ତାଇଥିଲେ। ନିଜେ ସନ୍ନ୍ୟାସୀ ଜୀବନଯାପନ କରିବା ସହ ଖଦୀ ବସ୍ତ୍ର ପରିଧାନ କଲେ ଏବଂ ସୂତା କାଟିଲେ। ୧୯୨୩ ମସିହାରେ ଅର୍ଥାତ୍ ମାତ୍ର ୩୫ବର୍ଷ ବୟସରେ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ପଦ ଅଳଙ୍କୃତ କରି ନିଜର ଦକ୍ଷତା ପ୍ରତିପାଦିତ କରିପାରିଥିଲେ। କେବଳ ସେତିକି ନୁହେଁ ବରଂ ନିଜର ସଂଗ୍ରାମୀ ଜୀବନରେ ୧୯୨୭ ମସିହାରେ ସାଇମନ କମିଶନଙ୍କୁ ବିରୋଧ କରିବା, ୧୯୩୦ରେ ଲବଣ ସତ୍ୟାଗ୍ରହରେ ଯୋଗଦାନ କରିବା, ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମୌଲାନ କଂଗ୍ରେସ ଦଳର ମୁଖ୍ୟ ପୁରୋଧା ସାଜି ଭାରତ ଛାଡ଼ ଆନ୍ଦୋଳନ ଆଦିରେ ଯୋଗଦେଇ ବହୁବାର ଜେଲ୍ ମଧ୍ୟ ଯାଇଛନ୍ତି।

ଦୀର୍ଘବର୍ଷ ଆପ୍ରାଣ ଉଦ୍ୟମ ପରେ ୧୯୪୭ ମସିହା ଅଗଷ୍ଟ ମାସ ୧୫ତାରିଖରେ ଭାରତ ସ୍ୱାଧୀନତାପ୍ରାପ୍ତି ହେଲା ସତ କିନ୍ତୁ ତାଙ୍କର ସଂଗ୍ରାମ ସରିନଥିଲା। ସ୍ୱାଧୀନ ଭାରତରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ପ୍ରଧାନମନ୍ତ୍ରିତ୍ୱରେ ଗଣତନ୍ତ୍ର ବ୍ୟବସ୍ଥାରେ ପ୍ରଥମ ମନ୍ତ୍ରିମଣ୍ଡଳରେ ଭାରତର ପ୍ରଥମ କ୍ୟାବିନେଟ ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ମୌଲାନ। ସେ ୧୯୪୭ ଫେବୃଆରୀ ୨୨ତାରିଖରୁ ୧୯୫୮ ମସିହା ପର୍ଯ୍ୟନ୍ତ ସ୍ୱାଧୀନ ଭାରତରେ ପ୍ରଥମ ଶିକ୍ଷାମନ୍ତ୍ରୀ ଭାବରେ କାର୍ଯ୍ୟ କରିବା ସମୟରେ ସୁସ୍ଥ ସମାଜ ଓ ଉନ୍ନତ ରାଷ୍ଟ୍ର ଗଠନ କ୍ଷେତ୍ରରେ ଶିକ୍ଷାର ଭୂମିକାକୁ ଅଙ୍ଗେ ନିଭେଇଥିଲେ ଓ ଶିକ୍ଷା ମାଧ୍ୟମରେ ଏକ ଦେଶ ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲେ। ୱାନ ମ୍ୟାନ ଆର୍ମି ଭଳି ଏକାକୀ ନିରନ୍ତର ପ୍ରୟାସ ଜାରି ରଖି ସ୍ୱାଧୀନ ଭାରତର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ଅନେକ ବିପ୍ଳବାତ୍ମକ ପରିବର୍ତ୍ତନ କରିଥିଲେ। ନିଜର ଦୀର୍ଘ ୧୧ବର୍ଷର କାର୍ଯ୍ୟକାଳ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ପ୍ରସାର ନିମନ୍ତେ ଅନେକ ପଦକ୍ଷେପ ନେଇଥିଲେ। ଗ୍ରାମାଞ୍ଚଳରେ ଗରିବ ଏବଂ ବାଳିକାମାନଙ୍କୁ ଶିକ୍ଷା ଦେବା, ବୟସ୍କମାନଙ୍କୁ ସାକ୍ଷରତା କରିବା, ୬ରୁ ୧୪ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା, ସର୍ବ ଭାରତୀୟ ପ୍ରାଥମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା, ଧନ୍ଦାମୂଳକ ତାଲିମର ବିବିଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାଧୀନ ଭାରତର ସ୍ଥପତି ଭାବେ ପରିଗଣିତ ହେଉଥିବା ଆଜାଦ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଆୟୋଗ (ୟୁଜିସି), ବୈଷୟିକ ଶିକ୍ଷା ପାଇଁ ଅଲ୍ ଇଣ୍ଡିଆ କାଉନସିଲ ଫର୍ ଟେକ୍ନିକାଲ ଏଜୁକେଶନ (ଏଆଇସିଟିଇ), ମାଧ୍ୟମିକ ଶିକ୍ଷା ଆୟୋଗ ପ୍ରତିଷ୍ଠା କରିଥିଲେ। ୧୯୫୧ ମସିହାରେ ଆଇଆଇଟି ଖଡଗପୁର, ଆଇସିସିଆରସି ଏସଆଇଆରଆଇଆଇ ଏସ୍‌ସି, ବାଙ୍ଗାଲୋର, ଦିଲ୍ଲୀ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ଏଜୁକେଶନ (ବର୍ତ୍ତମାନ ଦିଲ୍ଲୀ ବିଶ୍ୱବିଦ୍ୟାଳୟ), ଜାମିଆ ମିଲିଆ ଇସଲାମିକ ବିଶ୍ୱବିଦ୍ୟାଳୟ, ସ୍କୁଲ ଅଫ୍ ଆର୍କିଟେକ୍ଚର ଆଣ୍ଡ ପ୍ଲାନିଂ, ଭଳି ଜାତୀୟ ସ୍ତରରେ ଅନେକ ଉଚ୍ଚ ଓ ଗବେଷଣାଧର୍ମୀ ଶିକ୍ଷାନୁଷ୍ଠାନ ମାନ ସ୍ଥାପନା କରି ନିଜ ବଳିଷ୍ଠ କାର୍ଯ୍ୟ ଦକ୍ଷତାର ପ୍ରମାଣ ଦେଇଥିଲେ। ଏହି ଅନୁଷ୍ଠାନଗୁଡିକର ଏକାଡେମିକ୍ ଉତ୍କର୍ଷତା ନିମନ୍ତେ ଅଧୁନା ଏହା ଗବେଷଣା, ସାହିତ୍ୟ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ ହୋଇପାରିଛି। ଅକ୍ଟୋବର ୧୯୨୦ରେ ମୌଲାନା ଆବୁଲ କଲାମ ଆଜାଦ ଆଲିଗଡରେ ପ୍ରସ୍ତାବିତ ଜାମିଆ ମିଲିଆ ଇସଲାମିକ ବିଶ୍ୱବିଦ୍ୟାଳୟର ଫାଉଣ୍ଡେସନ କମିଟିର ସଦସ୍ୟ ହେଲେ। ତତ୍କାଳୀନ ବ୍ରିଟିଶ କଲୋନିଆଲ ସରକାରଙ୍କ କୌଣସି ସାହାଯ୍ୟ ବିନା ଏହି ଅନୁଷ୍ଠାନ ଗଢ଼ିବା ଏବଂ ପରବର୍ତ୍ତୀ ସମୟରେ ଏହାକୁ ଆଲିଗଡ଼ରୁ ଦିଲ୍ଲୀକୁ ସ୍ଥାନାନ୍ତର କରାଇବାରେ ତାଙ୍କର ଭୂମିକା ପ୍ରଶଂସନୀୟ। ଶିକ୍ଷା ବ୍ୟତୀତ ସେ ଜଣେ ସମାଜ ସଂସ୍କାରକ ଭାବରେ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନା ସୃଷ୍ଟି କରିବା ପାଇଁ ତାଙ୍କ ଦ୍ୱାରା ପ୍ରକାଶିତ ଏକ ଖବରକାଗଜ "ଅଲ୍-ହିଲାଲ" ମାଧ୍ୟମରେ ସେ ନିରନ୍ତର ଉଦ୍ୟମ ଜାରି ରଖିଥିଲେ। ଭାରତରେ ଶିକ୍ଷା ଏବଂ ସାମାଜିକ ଉନ୍ନତି କ୍ଷେତ୍ରରେ ତାଙ୍କର କାର୍ଯ୍ୟ ତାଙ୍କୁ ଭାରତର ଆର୍ଥିକ ତଥା ସାମାଜିକ ବିକାଶର ମାର୍ଗଦର୍ଶକ ସଜାଇଥିଲା।

ନୂତନ ଭାରତର ସ୍ଥପତି ବା ବିନ୍ଧାଣୀ ସାଜି ସେ ଯେଉଁ ଅଦମନୀୟ କାର୍ଯ୍ୟ କରିଯାଇଛନ୍ତି ତାହା ଆଜି ତାଙ୍କୁ ଅମର କରି ରଖିଛି। ନିଜେ ସ୍ୱାଧୀନତା ପାଇଁ ଲଢ଼ିବା ଏବଂ ସ୍ୱାଧୀନତାପ୍ରାପ୍ତି ପରେ ଶିକ୍ଷା ବ୍ୟବସ୍ଥାର ଦାୟିତ୍ୱକୁ ନିଜେ ବହନ କରି ଉନ୍ନତ ରାଷ୍ଟ୍ର ଗଠନ କରିବା ଏହିଭଳି ବିରଳ ବ୍ୟକ୍ତିତ୍ୱ କେବଳ ଆଜାଦ ହିଁ ହୋଇପାରନ୍ତି। ୧୯୮୫ ଫେବୃଆରୀ ୨୨ରେ ଦିଲ୍ଲୀରେ ହୃଦ୍‌ଘାତରେ ତାଙ୍କର ଦେହାନ୍ତ ହୋଇଥିଲା ସତ କିନ୍ତୁ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ତାଙ୍କର ଅବଦାନ ତାଙ୍କୁ ଚିର କାଳକୁ ଅମର କରି ରଖିଥିଲା। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଶିକ୍ଷାକୁ ଉନ୍ନତ ଓ ସୁଲଭ କରାଇବାରେ ତାଙ୍କର ପଦକ୍ଷେପଗୁଡ଼ିକ ଖୁବ୍ ପ୍ରଶଂସନୀୟ ଓ ସମ୍ମାନାସ୍ପଦ।

ରାଷ୍ଟ୍ର ପାଇଁ ତାଙ୍କର ଏହି ଅମୂଲ୍ୟ ଅବଦାନ ସଦୃଶ ତାଙ୍କ ଅବର୍ତ୍ତମାନରେ ତାଙ୍କୁ ଭାରତର ସର୍ବୋଚ୍ଚ ବେସାମରିକ ଉପାଧି ଭାରତ ରତ୍ନ ଉପାଧିରେ ଭୂଷିତ କରାଯିବା ସହିତ ୨୦୦୯ ମସିହାରୁ ତାଙ୍କର ଜନ୍ମ ଦିବସକୁ ଭାରତରେ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଉଛି। ପ୍ରକୃତରେ ସେ ଥିଲେ ନୂତନ ଭାରତର ବିନ୍ଧାଣୀ ଯାହାଙ୍କର ଆଦର୍ଶରେ ଆମେ ସମସ୍ତେ ଅନୁପ୍ରାଣିତ ହେବା ସହ ଦେଶର ବିକାଶରେ ନିଜକୁ ସାମିଲ କରିବା ଉଚିତ।

# ଓଡିଶା ଇତିହାସରେ ପାଇକ ବିଦ୍ରୋହ (୪)

ଧୀରେ ଧୀରେ ପରିସ୍ଥିତି ବ୍ରିଟିଶ ସରକାରଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଗଲା । ତେଣୁ ପରିସ୍ଥିତିର ମୁକାବିଲା ପାଇଁ ନୂଆ ଯୋଜନା ଗ୍ରହଣ କଲେ । ପ୍ରଥମ ପଦକ୍ଷେପ ସ୍ୱରୂପ ଖୋର୍ଦ୍ଧା, ପିପିଲି, ଲିମ୍ବାଇ, ପୁରୀ, ଏବଂ କୋଠାଦେଶ ପ୍ରମୁଖ ଅଞ୍ଚଳରେ ସାମରିକ ଆଇନ ଜାରି କରାଗଲା । ମେଜର ଜେନେରାଲ ଙ୍କ ଜଣେ ସାମରିକ ଅଫିସରଙ୍କୁ ସାମରିକ ବାହିନୀର କମାଣ୍ଡର ଭାବେ କଟକରେ ଅବସ୍ଥାପିତ କରାଗଲା , ଯାହାଙ୍କୁ ସାମରିକ କମିଶନର ନାମରେ ନାମିତ କରାଗଲା । ତାଙ୍କର ନାମ ହେଉଛି ଗ୍ରାବିଏଲ ମାର୍ଟିନ ଡେଲା । ୩ ୟ ପଦକ୍ଷେପ ସ୍ୱରୂପ ବିଦ୍ରୋହୀମାନଙ୍କ କାର୍ଯ୍ୟ ଯୋଗୁଁ ପୁରୀ ଓ ଖୋର୍ଦ୍ଧାର କ୍ଷତିଗ୍ରସ୍ତ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସ୍ୱାଭାବିକ ସ୍ତରକୁ ଫେରାଇ ଆଣିବାକୁ ଅଧିକ ନୂଆ ଅଫିସରମାନଙ୍କୁ ପ୍ରେରଣ କରାଗଲା । ଇତି ମଧ୍ୟରେ ଖୋର୍ଦ୍ଧାରେ ଅବସ୍ଥାପିତ କ୍ୟାପଟେନ ଲିଫେଉରେ ଏପ୍ରିଲ ୧୩,୧୮୧୭ ମସିହାରେ ପୁରୀ ଅଭିମୁଖେବାହାରିଗଲେ । ସେ ପୁରୀରେ ପହଞ୍ଚିଲା ବେଳ କୁ ବକ୍ସି ଜଗବନ୍ଧୁ ଏବଂ ତାଙ୍କର ଅନୁଗାମୀମାନେ ବାଣପୁରକୁ ଖସି ପଳାଇ ଆସିଥିଲେ । ଏହିଭଳି ଏ ପରିସ୍ଥିତିରେ ଯେତେବେଳେ ରାଜା ମୁକୁନ୍ଦଦେବ ଏବଂ ୧୬ ଜଣ ପାଇକ ଖସି ପଳାଇଯିବା ପାଇଁ ଉଦ୍ୟତ ହେଉଥିଲେ , ବ୍ରିଟିଶ ସିପାହୀମାନେ ମୁକୁନ୍ଦଦେବଙ୍କୁ ଧରି ପକାଇଲେ ଏବଂ ବନ୍ଦୀ କଲେ । ଏହିପରି ଭାବେ ପୁନର୍ବାର ପୁରୀ ଦଖଲ କରିବାରେ ଇଂରେଜମାନେ ସକ୍ଷମ ହେଲେ । ପୁରୀ ସମ୍ପର୍କରେ ଏ ବିବରଣୀ ହସ୍ତଗତ ହେବାପରେ ଗଭର୍ଣ୍ଣର ଜେନେରାଲ ମେଜର ହାମିଲଟନ ନାମରେ ମେଜର ପଦବୀରେ ଜଣେ ସାମରିକ ପଦାଧିକାରୀଙ୍କୁ ପୁରୀ ଆସି ଏବଂ ରାଜାଙ୍କାଉ ବନ୍ଦୀ କରି କଲିକତା ପରିବର୍ତ୍ତେ କଟକ ପଠାଇ ଦେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା । ତଦନୁଯାୟୀ ଏପ୍ରିଲ ୨୮,୧୮୧୭ ମସିହାରେ ମେଜର ହାମିଲଟନ ମୁକୁନ୍ଦଦେବ ଏବଂ ତାଙ୍କ ପୁତ୍ରଙ୍କୁ ବନ୍ଦୀ କରିବା ରଖିବା ପାଇଁ ନିର୍ମିତ ଗୋଟିଏ ଛୋଟିଆ କୁଡିଆରେ ସେମାନେ ବନ୍ଦୀ ଭାବେ ରଖାଗଲା । ଏସମସ୍ତ ପଦକ୍ଷେପ ସତ୍ତ୍ୱେ ବିଦ୍ରୋହ ପ୍ରଶମିତ ହେବା ବଦଳରେ ଧୀରେ ଧୀରେ ନୂଆ ଅଞ୍ଚଳକୁ ବ୍ୟାପିଲା । ଗୋପ, କୁଜଙ୍ଗ, ପଟ୍ଟାମୁଣ୍ଡାଇ , ଏବଂ ଅସୁରେଶ୍ୱର ଆଦି ବିଭିନ୍ନ ଅଞ୍ଚଳରେ ବିଦ୍ରୋହର ପ୍ରତିଧ୍ୱନୀ ଶୁଣିବାକୁ ମିଳିଲା । ଜଗବନ୍ଧୁଙ୍କ ୨ ଜଣ ବିଶ୍ୱସ୍ତଙ୍କ ନେତୃତ୍ୱରେ ୫୦୦ ପାଇକ ଏସବୁ ଅଞ୍ଚଳକୁ ଗ୍ରସ୍ତ କରି ବିଦ୍ରୋହ କରିବା ପାଇଁ ଲୋକଙ୍କୁ ମତାଇଲେ । ଏହି ସବୁ ଅଞ୍ଚଳରେ ବିଦ୍ରୋହୀ ପାଇକମାନେ ବ୍ରିଟିଶ ଅମଲା ଓ ଜମିଦାରଙ୍କୁ କାବୁ କଲେ , ସେମାନଙ୍କ ସମ୍ପତ୍ତିକୁ ଜବତ କଲେ ଏବଂ ବିଭିନ୍ନ ଗାଁରେ ଲୁଣ୍ଠନ ଚଳାଇଲେ । ପରିସ୍ଥିତି ଦିନକୁ ଦିନ ଏତେ ଭୟଙ୍କର ହେଲା ଯେ ବ୍ରିଟିଶ ସରକାର ବାଧ୍ୟ ହୋଇ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ମେଜର ଜେନେରାଲ ପହଞ୍ଚିଥିଲେ ଏବଂ ମୁହୂର୍ତ୍ତେ ବିଳମ୍ବ ନ କରି ଖୋର୍ଦ୍ଧା ଅଭିମୁଖେ ଅଭିଯାନ ଆରମ୍ଭ କଲେ । ସେ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହେଲେ । ଏହା ପରେ ଯେଉଁ ଅଞ୍ଚଳରେ ବିଦ୍ରୋହୀ କାର୍ଯ୍ୟକଳାପ ପ୍ରାଥମିକ ସ୍ଥିତିରେ ଥିଲା ସେଠାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ସେ ସମସ୍ତ ଅଞ୍ଚଳରେ ସାମରିକ ଆଇନ ଲାଗୁ ହେଲା ବୋଲି ଘୋଷଣା କରାଗଲା । କ୍ୟାପଟେନ ଫେଥଫୁଲଙ୍କୁ ୧୮୧୭ ଜୁଲାଇ ମାସରେ ଗୋପ ପଠାଗଲା । ସେଠାରେ ପୂର୍ବରୁ କରୁଣାକର ସର୍ଦ୍ଦାରଙ୍କ ନେତୃତ୍ୱରେ ପାଇକମାନେ ଥାନା ଉପରେ ଆକ୍ରମଣ କରି ପୋଲିସମାନଙ୍କୁ ଥାନାରେ ନିକାଲି ଦେଇ ଥିବାର ଖବର ମିଳିଥିଲା । କ୍ୟାପଟେନ ଫେଥଫୁଲ ସେଠାରେ ପହଞ୍ଚିବା



ପରେ ବିଦ୍ରୋହୀମାନଙ୍କୁ ଦମନ କରିବାରେ ସଫଳ ହେଲେ । ବିଦ୍ରୋହୀମାନଙ୍କ କବଳରେ ଥିବା ଅଞ୍ଚଳ ମାନଙ୍କ ରୁ କୁଜଙ୍ଗ ଇଲାକାରେ ପରିସ୍ଥିତି ସଂପୂର୍ଣ୍ଣ ଭାବେ ଅଣାୟତ ହୋଇପଡିଲା । ପାଇକମାନେ ସେମାନଙ୍କ ନେତାଙ୍କ ନେତୃତ୍ୱରେ ଭୟଙ୍କର ହିଂସାତ୍ମକ କାର୍ଯ୍ୟକଳାପ ଚଳେଇଲେ । ଏହି ଅଞ୍ଚଳର ପ୍ରମୁଖ ବିଦ୍ରୋହୀମାନେ ହେଲେ ହରିଶପୁରର ରାଜା , ମଧୁସୂଦନ ମଙ୍ଗରାଜ, ବାମଦେବ ପାଟଯୋଶୀ , ନାରାୟଣ ପରମଗୁରୁ, ଏବଂ କରୁଣାକର ପରମଗୁରୁ । ବନମାଳୀ ନରେନ୍ଦ୍ର ନାମରେ ଜଣେ ବ୍ୟକ୍ତି ର ସାହାଯ୍ୟ ନିଆଗଲା ଏମାନଙ୍କୁ ଧରିବା ପାଇଁ । ମଧୁସୂଦନ ମଙ୍ଗରାଜଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଆରମ୍ଭ ହେଲା । ଯଦିଓ ବ୍ରିଟିଶ ପୋଲିସ ମଧୁସୂଦନ ମଙ୍ଗରାଜଙ୍କୁ ଧରାଇ ଦେଲେ ୧୦୦୦ ଟଙ୍କା ପୁରସ୍କାର ମିଳିବ ବୋଲି ପ୍ରତିଶ୍ରୁତି ଦିଆଗଲା । ନଦୀମାନଙ୍କରେ ପ୍ରବଳ ବନ୍ୟା ଆସିବା ଯୋଗୁଁ ସାମରିକ କାର୍ଯ୍ୟାନୁଷ୍ଠାନକୁ ବାଧ୍ୟ ହୋଇ ବାତିଲ କରିବାକୁ ପଡିବ । ଏହାର ସୁଯୋଗ ନେଇ ପାଇକମାନେ ବିଦ୍ରୋହାତ୍ମକ କାର୍ଯ୍ୟକଳାପ ବଢାଇଲେ ଏବଂ ଏହା ସୁଦୂର ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ବ୍ୟାପିଗଲା । ବର୍ଷା ଋତୁ ଆରମ୍ଭ ହୋଇଯିବା ଯୋଗୁଁ ଅନ୍ୟାନ୍ୟ ନେତାମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ଭବ ହେଲା ନାହିଁ । ବର୍ଷାଋତୁ ଶେଷ ହେବା ପରେ କ୍ରମବର୍ଦ୍ଧମାନ ବିଦ୍ରୋହୀମାନଙ୍କ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ୨୦୦୦ ସିପାହୀଙ୍କ ସହ କ୍ୟାପଟେନ କେନେଥ ନାମରେ ଜେନ ପୋଲିସ ଅଫିସରଙ୍କୁ ୧୮୧୭ ମସିହା ସେପ୍ଟେମ୍ବର ୧୩ ତାରିଖରେ କୁଜଙ୍ଗରେ ଅବସ୍ଥାପିତ କରାଗଲା । କୁଜଙ୍ଗ ଅଞ୍ଚଳ ସହିତ ଓତଃପ୍ରୋତଃ ଭାବେ ସଂଶ୍ଳିଷ୍ଟ ୨ ଜଣ ଓଡିଆଙ୍କୁ ମଧ୍ୟ ତାଙ୍କ ସହ ସେଠାରେ ଅବସ୍ଥାପିତ କରାଗଲା । ସେମାନ ହେଲେ ହରିଶପୁର ନିବାସୀ ବାଲୁକେଶ୍ୱର ଦାସ ଏବଂ କୁଜଙ୍ଗ ରାଜାଙ୍କର ଜଣେ ପୂର୍ବତନ କର୍ମଚାରୀ କୃପାସିନ୍ଧୁ ଛାମୁ ପଟ୍ଟନାୟକ । କୁଜଙ୍ଗ ରାଜାଙ୍କର ରାଜଧାନୀ ପାରାଦ୍ୱୀପରେ କେନେଟ ପହଞ୍ଚିବା ପରେ ସାମରିକ ଆଇନ ଜାରି କରାଗଲା । ପାଇକମାନେ ଏହାର ପ୍ରତିରୋଧ କଲେ । ଏହା ପରେ ପରେ କୁଜଙ୍ଗରାଜା ସ୍ୱତଃପ୍ରବୃତ୍ତ ଭାବେ ଆତ୍ମ ସମର୍ପଣ କଲେ ଏବଂ ରାଜାଙ୍କର ସହାୟତା ନେଇ ବାମଦେବ ପାଟଯୋଶୀ ଏବଂ ନାରାୟଣ ପରମଗୁରୁଙ୍କୁ ଧରାଇ ଦିଆଗଲା । ଏହାପରେ ଏ ତିନିଜଣଙ୍କୁ କଟକ ଅଣାଗଲା। ବାମଦେବା ପାଟଯୋଶୀଏଏବଂ ନାରାୟଣ ଗୁରୁଙ୍କୁ ବାରବାଟୀ ଦୁର୍ଗରେ ବନ୍ଦୀ କରି ରଖାଗଲା । ରାଜାଙ୍କୁ ବ୍ରିଟିଶ ପୋଲିସ କଡା ନଜର ଭୀତରେ ଗୋଟିଏ ଘରୋଇ ବାସଭବନରେ ଅଟକ କରି ରଖାଗଲା । ଏହାପରେ କୁଜଙ୍ଗରୁ ସାମରିକ ଆଇନ ଉଠାଇ ନିଆଗଲା । ୧୮୧୭ ମସିହା ଅକ୍ଟୋବର ଶେଷବେଳକୁ ପାଇକ ବିଦ୍ରୋହକୁ ସଂପୂର୍ଣ୍ଣ ଭାବେ ଦମନ କରାଯାଇଥିବାର ପ୍ରମାଣ ମିଳେ । କିନ୍ତୁ ଏତିକିରେ ଘଟଣାର ପରିସମାପ୍ତି ହେଲା ନାହିଁ ।

### କୋର୍ଟରେ ବିଦ୍ରୋହୀମାନଙ୍କ ବିଚାର ଏବଂ ଦଣ୍ଡାଦେଶ

ବିଦ୍ରୋହ ଦମନ ହେବା ପରେ, ଭବିଷ୍ୟତରେ ଯେପରି ଏପରି ଘଟଣା ନ ଘଟେ, ତାର ପ୍ରତିକାର ପାଇଁ ବ୍ରିଟିଶ ସରକାର କେତେକ ପଦକ୍ଷେପ ନେଲେ। ଯୁଦ୍ଧବନ୍ଦୀମାନଙ୍କ ବିରୁଦ୍ଧରେ ମୋକଦ୍ଦମା ଗୁଡିକର ବିଚାର ଏବଂ ବିଦ୍ରୋହୀମାନଙ୍କ ବିରୁଦ୍ଧରେ ମୋକଦ୍ଦମା ଗୁଡିକର ବିଚାର ଏବଂ ବିଦ୍ରୋହୀମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲାଗୁଡିକର ସମସ୍ୟା ସମାଧାନ ପାଇଁ କଟକର କମାଣ୍ଡର ଗ୍ରାବ୍ରିଏଲ ମାର୍ଟିନ ଡୁଯେଲଙ୍କୁ କମିଶନ ଓ ୱାଲତାର ଇଓ୍ୱେରନ ଙ୍କୁ ସଦସ୍ୟ ଭାବେ ନିଯୁକ୍ତ କରି ଗୋଟିଏ ସାମାଜିକ କମିଶନ ଗଠନ କରାଗଲା । ବିଦ୍ରୋହର କାରଣ ଏବଂ ଖୋର୍ଦ୍ଧା ଜମିଦାର ଇଲାକାରେ ଭବିଷ୍ୟତରେ ଯେପରି ବିଦ୍ରୋହ ସୃଷ୍ଟି ନ ହୁଏ ତାର ପ୍ରତିକାର ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବାକୁ କମିଶନଙ୍କୁ ମଧ୍ୟ ନିର୍ଦ୍ଦେଶ ପ୍ରଦାନ କରାଗଲା । ଗୁରୁତର ରାଜଦ୍ରୋହ ଷଡଯନ୍ତ୍ରରେ ଲିପ୍ତ ଥାଇ ଗିରଫ ହୋଇଥିବା ବିଦ୍ରୋହୀମାନଙ୍କ ଉପରେ କମିଶନ ପ୍ରଥମେ ବିଚାର ଆରମ୍ଭ କଲେ । ମୁକୁନ୍ଦଦେବାଙ୍କୁ ଦୈନିକ ଟ ୨୫ ଭତ୍ତା ଦେଇ ବନ୍ଦୀଭାବେ ରଖିବା ପାଇଁ ସ୍ଥିର ହେଲା ଏବଂ ପୁରୀରେ ରହୁଥିବା ତାଙ୍କ ପାରିବାର ଭରଣାପୋଷଣ ପାଇଁ ମାସକୁ ଟ୫୦୦୦ ପ୍ରଦାନ କରିବା ପାଇଁ ସରକାର ଘୋଷଣା କଲେ । ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ମୁକୁନ୍ଦଦେବ ନଭେମ୍ବର ୩୦,୧୮୧୭ ମସିହାରେ ମୃତ୍ୟୁବରଣ କଲେ ଏବଂ ତାଙ୍କର ପୁତ୍ରରାମଚନ୍ଦ୍ର ଦେବ ଉତ୍ତରାଧିକାରୀ ଭାବେ ବଞ୍ଚି ରହିଲେ । ମାତ୍ର କୁଜଙ୍ଗ ରାଜାଙ୍କୁ ଛାଡି ଦିଆଗଲା । ଯେହେତୁ ସେ ସ୍ୱଇଚ୍ଛାରେ ଆତ୍ମସମର୍ପଣ କରିଥିଲେ ଏବଂ ବିଦ୍ରୋହୀମାନଙ୍କ ଧରାଇ ଦେବାରେ ବ୍ରିଟିଶମାନଙ୍କୁ ସହାୟତା କରିଥିଲେ । ସେଥିପାଇଁ ତାଙ୍କୁ ମୁକ୍ତି ଦିଆଗଲା । ବିଦ୍ରୋହୀ ନେତାମାନଙ୍କୁ ଗିରଫ କରିବା ପାଇଁ କମିଶନ ପଦକ୍ଷେପ ନେଲେ । ବିଦ୍ରୋହର ମୁଖ୍ୟ ନେତା ଏବଂ ତାଙ୍କର ସହଯୋଗୀଙ୍କୁ ଧରିବା ପାଇଁ ବ୍ରିଟିଶ ସରକାର ଖୁବ ଚିନ୍ତିତ ଥିଲେ । ସେମାନେ ହେଲେ ବକ୍ସି ଜଗବନ୍ଧୁ , ପୀତବାସ ମଙ୍ଗରାଜ, ପଦ୍ମନାଭ ଛୋଟରାୟ ଏବଂ ପିନାକୀ ବାହୁବଳେନ୍ଦ୍ର । ବିଦ୍ରୋହୀ କାର୍ଯ୍ୟକଳାପ ସହ ଜଡିତ ରହି ଯେଉଁମାନେ ଅପରାଧ ସଂଗଠିତ କରିଛନ୍ତି ସେମାନଙ୍କୁ ରାଜକ୍ଷମା ପ୍ରଦାନ କରାଯିବା ବୋଲି ଘୋଷଣା କରାଗଲା । ଉପରେ ଉଲ୍ଲେଖିତ ବିଦ୍ରୋହୀନେତା ଏବଂ ଯେଉଁମାନଙ୍କୁ ଜେଲରେ ବନ୍ଦୀ ଭାବେ ରଖାଯାଇଥିଲା ସେମାନଙ୍କ ପାଇଁ ଏହି ରାଜକ୍ଷମା ଲାଗୁ ହେବ ନାହିଁ ବୋଲି ମଧ୍ୟ ଘୋଷଣା କରାଗଲା । ଏଥିସହିତ କମିଶନର କୁଜଙ୍ଗର ବିଦ୍ରୋହୀ ନେତା ବାମଦେବ ପାଟଯୋଶୀ ଏବଂ ନାରାୟଣ ପରମଗୁରୁଙ୍କ ସମେତ ୯ ଜଣଙ୍କୁ ୧୪ ବର୍ଷ କାରାଦଣ୍ଡରେ ଦଣ୍ଡିତ କଲେ । ପ୍ରାୟ ୧୩୦ ଜଣ ବିଦ୍ରୋହୀ ନେତାଙ୍କୁ ନିର୍ବାସିତ ଦଣ୍ଡ/ କଳାପାଣି ସଜା ହୋଇଗଲା । ଚରଣ ପଟ୍ଟନାୟକ ଓ ସମ୍ବଲପୁର ରାଣୀଙ୍କର ଦେୱାନ ସଦାଶିବ ରାୟଙ୍କୁ ହତ୍ୟା କରି ଥିବା ଅଭିଯୋଗରେ ପର୍ଶୁରାମ ରାଉତରାୟ ଓ ସଚ୍ଚିଦାନନ୍ଦ ପଟ୍ଟନାୟକ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରାଗଲା ଏବଂ ଏପ୍ରିଲ ୧୮୧୮ରେ ଫାଶି ଦିଆଗଲା । ଏସମସ୍ତ ପଦକ୍ଷେପ ସତ୍ତ୍ୱେ ଜଗବନ୍ଧୁଙ୍କର ଏକାନ୍ତ ଅନୁଗତ କେତେକ ବିଦ୍ରୋହୀଙ୍କୁ ଧରିବାରେ ବ୍ରିଟିଶ ପୋଲିସ ସକ୍ଷମ ହୋଇପାରିଲା ନାହିଁ । ସେମାନେ ହେଲେ ଦାମ ସୁବୁଦ୍ଧି, ନିତ୍ୟାନନ୍ଦ ମଙ୍ଗରାଜ , ଦାସରଥୀ ପାଇକରାୟ, ଆଦିକନ୍ଦ ବିଧାଧର , ରାମଚନ୍ଦ୍ର ସାମନ୍ତ ସିଂହାର ଏବଂ ଉପେନ୍ଦ୍ର ଜଗଦେବ । ବକ୍ସି ଜଗବନ୍ଧୁଙ୍କୁ ଗିରଫ ପାଇଁ ଯେଉଁ ଅଭିଯାନ ନିଆଯାଇଥିଲା ତାହା ଅତ୍ୟନ୍ତ ଚମକପ୍ରଦ ଏବଂ ଲୋମହର୍ଷକାରୀ ଘଟଣା ।

### ଜଗବନ୍ଧୁଙ୍କୁ ଲୁଚି ପାଳିବାରେ ସହାୟତା

ଖୋର୍ଦ୍ଧାରୁ ଖସି ପାଳାଇଲା ପରେ ସେ ଘୁମୁସର ଇଲାକାର ଘଞ୍ଚ ଜଙ୍ଗଲରେ ଲୁଚି ରହିଥିଲେ ବୋଲି ଶୁଣାଯାଏ । ନୟାଗଡ ଓ ରଣପୁରର ରାଜାମାନେ ଜଗବନ୍ଧୁଙ୍କୁ ଲୁଚି ପାଳିବାରେ ସହାୟତା କରିଥିଲେ ଘୁମୁସର ଜଙ୍ଗଲରୁ ସେ ନିଜର ଶ୍ୱଶୁର ଘର, ସେରଗଡ ଜମିଦାରଙ୍କ ଅଞ୍ଚଳକୁ ଖସି ପଳାଇଲେ । ପୁଣି ସେଠାରେ ସେ ବୌଦ୍ଧ- ଦଶପଲ୍ଲା ଅଞ୍ଚଳକୁ ଲୁଚି ପଳାଇଲେ । ସମ୍ବଲପୁରରେ ଅବସ୍ଥାପିତ ବ୍ରିଟିଶ ପୋଲିସ ରେଜିମେଣ୍ଟର ମୁଖ୍ୟ ଅଫିସର ମେଜର ରୁଗସେଜଙ୍କୁ ନିର୍ଦ୍ଦେଶ ଦିଆଗଲା ଯେ ମୃତ କିମ୍ବା ଜୀବିତ ଅବସ୍ଥାରେ ବକ୍ସି ଜଗବନ୍ଧୁଙ୍କୁ ଧରିବା ପାଇଁ ଏବଂ ଏ ଦିଗରେ ଯିଏ ସହାୟତା କରିବ ତାକୁ ଟ ୫୦ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଗଲା । ତଦନୁଯାୟୀ ଜଗବନ୍ଧୁଙ୍କୁ ଧରିବାରେ ସହାୟତା କରିବାକୁ ସେ ବୌଦ୍ଧ ରାଜା ଚନ୍ଦ୍ରଶେଖର ଦେବଏନକେ ସହ ଯୋଗାଯୋଗ କଲେ । ଏକଥା ପ୍ରଘଟ ହୋଇଯିବାରୁ ଜଗବନ୍ଧୁ ପୁଣି ଘୁମୁସର ଅଞ୍ଚଳକୁ ଲୁଚି କରାଠିବା ସମୟ ଯାକ ଖୋର୍ଦ୍ଧାର ଲୋକମାନେ ତାଙ୍କର ଚାଲିବା ପାଇଁ ସମସ୍ତ ସାହାଯ୍ୟ ପଠାଇଥିଲେ ବୋଲି ଶୁଣାଯାଏ । ଏମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ରୋଦଙ୍କର ଭୁଙ୍ଗୀ ଦାସ । ବୋଲଗଡଠାରେ ପୋଲିସ ରେଜିମେଣ୍ଟ ଦାୟିତ୍ୱରେ ରହୁଥିବା ଏକ ଗାଁ ଉପରେ ଅଚାନକ ଚଢାଉ କଲେ କାରଣ ସେ କୌଣସି ସୂତ୍ରରୁ ଖବର ପାଇଲେ ଯେ ଜଗବନ୍ଧୁ ସେଠାରେ ଆଶ୍ରୟ ନେଉଛନ୍ତି । (କ୍ରମଶଃ)

## ଏନ୍‌ପିସିଆଇଏଲ୍‌ରେ ଓଡ଼ିଶାର ଯୁବ ବୈଜ୍ଞାନିକ



ବାରିପଦା: ଖଡ଼ଗପୁର ଆ.ଇ.ଆ.ଇ.ଟି.ରେ ଅଧ୍ୟୟନରତ ବାରିପଦାର ଯୁବପ୍ରତିଭା ଚର୍ଚ୍ଚିତ କବି ଶତପଥୀ ସମ୍ମାନଜନକ ସର୍ବଭାରତୀୟ ପ୍ରତିଦ୍ୱନ୍ଦିତାରେ ସାଫଲ୍ୟଲବ୍ଧ ହୋଇ ଭାରତ ସରକାରଙ୍କ ପରମାଣୁ ଶକ୍ତି ବିଭାଗ ଅଧୀନସ୍ଥ 'ନ୍ୟୁକ୍ଲିଅର ପାୱାର କର୍ପୋରେସନ ଅଫ୍ ଇଣ୍ଡିଆ' (ଏନ୍ ?ପିସିଆଇଏଲ୍)ରେ ଯୁବ ବୈଜ୍ଞାନିକ (ଗ୍ରୁପ୍-ଏ) ଭାବେ ଯୋଗଦାନ କରିଛନ୍ତି। ଶ୍ରୀ ଶତପଥୀ କେନ୍ଦ୍ରୀୟ ବିଦ୍ୟାଳୟରୁ କୃତିତ୍ୱର ସହ ଦଶମ ଓ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ବୁର୍ଲାସ୍ଥିତ 'ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ ଅଫ ଟେକନୋଲୋଜି'ରୁ ବି.ଟେକ୍ କରି 'ଗେଟ୍'ରେ ସଫଳତା ହାସଲ କରିଥିଲେ। ପରେ ସେ ଆଇ.ଆଇ.ଟି. ଖଡ଼ଗପୁରପୁରରେ ଏମ୍.ଟେକ୍. ଶ୍ରେଣୀରେ ଅଧ୍ୟୟନରତ ଥିଲେ। ଏଥିପୂର୍ବରୁ ସେ ବି.ଟେକ୍ ଶେଷ ବର୍ଷରେ ଥିବା ବେଳେ ହିଁ ସୁପ୍ରତିଷ୍ଠିତ କମ୍ପାନି ଡ଼େଲୟେଟ୍‌ରେ ଭଲ ପଦରେ ଅଧିଷ୍ଠିତ ହୋଇ ଚାକିରି କରିବାର ସୁଯୋଗ ପାଇଥିଲେ। ବି.ଟେକ୍ ଶେଷ ପରେ ସେଥିରେ କିଛି କାଳ ଚାକିରି କରିଥିଲେ ହେଁ ବୃହତ୍ତର ଲକ୍ଷ୍ୟ ନେଇ ସେଥିରୁ (ପ୍ରଥମେ ହାଇଦ୍ରାବାଦ ଓ ପରେ କଲିକତାରେ ଅବସ୍ଥାପିତ ହେଇ) ଇସ୍ତଫା ଦେଇଥିଲେ। ପିତା ସୁଲେଖକ ସୁବକ୍ତା ତଥା ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ଏବଂ ମାତା ଅଧ୍ୟାପିକା ଡକ୍ଟର ହିରଣ୍ମୟୀ ଶତପଥୀଙ୍କ ଜ୍ୟେଷ୍ଠ ପୁତ୍ର ଚର୍ଚ୍ଚିତ ସମ୍ପ୍ରତି ଗୁଜୁରାଟର ସୁରତ ନିକଟରେ ଏନ୍.ପି.ସି.ଆଇ.ଏଲ୍.ର ଜଣେ 'କାର୍ଯ୍ୟନିର୍ବାହୀ ଶିକ୍ଷା-ନବୀଶ' ଭାବେ କାର୍ଯ୍ୟାରମ୍ଭ କରିଛନ୍ତି।

# ଦୁଇ ଦଶନ୍ଧିରେ ଯାଜପୁର ଦେଖିଲାଣି ୬ବଡ଼ ବନ୍ୟା



## ଯାଇଛି ୪୩ରୁ ଅଧିକ ଜୀବନ

ଯାଜପୁର: ଯାଜପୁର ଜିଲ୍ଲାରେ ପ୍ରବାହିତ ପ୍ରମୁଖ ନଦୀ ବୈତରଣୀ, ଖରସ୍ରୋତା ଓ ବ୍ରାହ୍ମଣୀ ମଧ୍ୟରୁ ଅଧିକ ବିପଦ ସୃଷ୍ଟି କରୁଛି ବୈତରଣୀ। ପ୍ରତିବର୍ଷ ଏହି ନଦୀରେ ଏକାଧିକ ଘାଇ ହୋଇ ଦଶରଥପୁର ବ୍ଲକ୍ ସମେତ ଅନ୍ୟାନ୍ୟ ଅଞ୍ଚଳକୁ ପ୍ରଭାବିତ କରୁଛି। ପରିସଂଖ୍ୟାନ ସୂଚନା ମୁତାବକ ଗତ ଦୁଇ ଦଶନ୍ଧିରେ ଏଠାରେ ୬ଟି ବଡ଼ ବନ୍ୟାରେ ୪୩ରୁ ଅଧିକ ଜୀବନ ଯାଇଛି।

ଜିଲ୍ଲାର ୮ ବ୍ଲକ୍ ବାସିନ୍ଦା ପ୍ରତିବର୍ଷ ବନ୍ୟାକୁ ପାଖରୁ ଦେଖି ଆସୁଛନ୍ତି। ଚଳିତବର୍ଷର ବନ୍ୟା ବିଗତ ଦୁଇ ଦଶନ୍ଧି ମଧ୍ୟରେ ସବୁଠାରୁ ବଡ଼ ଓ ଲମ୍ବା ସମୟ ଧରି କ୍ଷତି ଘଟାଇଛି। ଚଳିତ ବନ୍ୟାରେ ଦଶରଥପୁର ବ୍ଲକ୍ ତରପଦା ପଞ୍ଚାୟତ ପାଟଣାଠାରେ କାଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ଓ ଜରି ପଞ୍ଚାୟତ ନାଉବାଙ୍କ ନିକଟରେ ଘାଇ ଯୋଗୁଁ ଲକ୍ଷାଧିକ ଲୋକ ଜଳବନ୍ଦି ରହିଥିଲେ। ବନ୍ୟାରେ ୧୧୮ ପଞ୍ଚାୟତ ୩୪୨ ଗ୍ରାମର ୪ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ନଦୀରୁ ଧୀରେ ଧୀରେ ଜଳସ୍ତର ଖସୁଥିଲେ ମଧ୍ୟ ଅନେକ ଗାଁରୁ ପାଣି ଖସିନାହିଁ। ଏବେ ବି କୟାଁ ଓ ନିଜାମପୁର ପଞ୍ଚାୟତର କିଛି ଗାଁ ଜଳଘେର ?ରେ ରହିଛି। ଏଭଳି ସ୍ଥିତିରେ ପୁଣି ଲଘୁଚାପ ବର୍ଷା ସମ୍ଭାବନା ବିପନ୍ନଙ୍କୁ ଚିନ୍ତାରେ ପକାଇଛି। ୨୦୦୫ର ବଡ଼ ବନ୍ୟା ଯାଜପୁରବାସୀଙ୍କୁ ଡରାଇ ଦେଇଥିଲା। ଏଥିରେ ଜିଲ୍ଲାର ୨୧୯ ଗ୍ରାମର ଦେଢ଼ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ସେତେବେଳେ ଉଦ୍ଧାର, ଥଇଥାନ ଓ ରିଲିଫ ଯୋଗାଣ ବ୍ୟବସ୍ଥା ସୁଦୃଢ଼ ନଥିବାରୁ ଲୋକେ ଦହଗଞ୍ଜ ହୋଇଥିଲେ। ୨୦୧୧ରେ ଆଉ ଏକ ପ୍ରଳୟଙ୍କରୀ ବନ୍ୟା ଆସି ୧୩ ଜଣଙ୍କ ଜୀବନ ନେଇଥିଲା। ୧୪୨ଟି ପଞ୍ଚାୟତ ୪୯୯ ଗ୍ରାମର ୪ ଲକ୍ଷ ୫୦ ହଜାର ୫୨୦ ଜଣ ଲୋକ ପ୍ରଭାବିତ ହୋଇଥିଲେ। ୨୦୧୫ ବନ୍ୟାରେ ୫୭ ପଞ୍ଚାୟତ ୨୧୯ ଗ୍ରାମର ୧ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲା। ଏଥିରେ ଘରଭାଙ୍ଗି, ସାପ କାମୁଡ଼ା ଓ ବନ୍ୟାରେ ଭାସି ୪ ଜଣଙ୍କର ଜୀବନ ଯାଇଥିଲା। ୨୦୧୭ ବନ୍ୟାରେ ୫୬ ପଞ୍ଚାୟତର ୧୩୨ ଗ୍ରାମର ଲୋକ ଯନ୍ତ୍ରଣା ଭୋଗିବା ସହ ନଦୀରେ ବୁଡ଼ି ୩ ଜଣଙ୍କର ଜୀବନ ଯାଇଥିଲା। ୨୦୨୦ ଅଗଷ୍ଟରେ ହୋଇଥିବା ବନ୍ୟା ଯାଜପୁରର ନଦୀକୂଳିଆ ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ଅଧା ଯାଜପୁର ବନ୍ୟା ଆଁରେ ରହିଥିଲା। ୧୪୩ ପଞ୍ଚାୟତ ୬୧୨ ଗ୍ରାମର ୮ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ। ହେକ୍ଟର ହେକ୍ଟର ଚାଷଜମିରେ ଫସଲ ଉଜୁଡ଼ି ଯାଇଥିଲା। ବୈତରଣୀ ଓ ବ୍ରାହ୍ମଣୀ ସମେତ ଶାଖାନଦୀରେ ୨୫ଟି ଘାଇ ହୋଇ ଜିଲ୍ଲାର ଅଧିକାଂଶ ଅଞ୍ଚଳକୁ ଜଳମଗ୍ନ କରିଥିଲା। ଏହି ବନ୍ୟାରେ ୧୨ ଜଣଙ୍କର ଜୀବନ ଯାଇଥିଲା। ତେବେ ୨୦୨୦ରୁ ବଡ଼ ବନ୍ୟା ନ ହେଲେ ବି ଚଳିତବର୍ଷ ୪ ଥର ଲଗାତାର ନଦୀ ବଢ଼ିବାରୁ ଏକମାସ ହେଲା ଗାଁଗୁଡ଼ିକ ଜଳମଗ୍ନ ହୋଇଛି। ଯାଜପୁର ବ୍ଲକ୍ ବାଙ୍କସାହିଠାରେ ବ୍ରାହ୍ମଣୀରେ ୨ ଶହ ଫୁଟର ଘାଇ ୧୦ଟି ପଞ୍ଚାୟତକୁ ପ୍ରଭାବିତ କରିଥିଲା। କାଣୀ ନଦୀରେ ଘାଇ ଯୋଗୁଁ ଦଶରଥପୁର ବ୍ଲକ୍‌ର ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଏବଂ ଖରସ୍ରୋତାର ଶାଖାନଦୀ ନୂଆମାହାରାରେ ଘାଇ ହୋଇ ବିଂଝାରପୁର ବ୍ଲକ୍‌ର ୧୦ରୁ ଅଧିକ ପଞ୍ଚାୟତ ପ୍ରଭାବିତ ହୋଇଛି। ଚଳିତ ବନ୍ୟାରେ ନଦୀରେ ଭାସିଯାଇ ୭ଜଣ, କୁମ୍ଭୀର ଆକ୍ରମଣରେ ଜଣେ ଓ ସାପ କାମୁଡ଼ାରେ ୩ ଜଣଙ୍କର ଜୀବନ ଯାଇଛି। ବିଭିନ୍ନ ନଦୀରୁ ମିଳିଥିବା ୨ଟି ମୃତଦେହର ପରିଚୟ ମିଳିନାହିଁ।

## ୮୦ ବର୍ଷ ପରେ ବି ବିକାଶଠୁ ଦୂରରେ ଢିପାସାହି



**କେନ୍ଦୁଝର:** ସ୍ୱାଧୀନତାର ଦୀର୍ଘ ୮୦ ବର୍ଷ ପରେ ବି ମୌଳିକ ସୁବିଧାରୁ ବଞ୍ଚିତ କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ବଡ଼ଡୁମୁରିଆର ଢିପାସାହି । ଖଣିଜ ସମ୍ପଦରେ ଭରପୂର ଏହି ଜିଲ୍ଲା ରାଜ୍ୟ ରାଜକୋଷକୁ ବିପୁଳ ରାଜସ୍ୱ ଦେଉଥିବା ବେଳେ ଢିପାସାହିବାସୀ ଆଜି ବି ପକ୍କା ରାସ୍ତା ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ପାଇଁ ସଂଘର୍ଷ କରୁଛନ୍ତି । ସାହିକୁ ଯିବା ପାଇଁ ଆଜି ବି ଜଙ୍ଗଲ ଭିତର ଦେଇ ଯାଇଥିବା ସଂକୀର୍ଣ୍ଣ ମାଟି ରାସ୍ତା ହିଁ ଏକମାତ୍ର ଭରସା । ବର୍ଷା ଦିନେ ଏହି ରାସ୍ତାର ଅବସ୍ଥା ଆହୁରି ଦୟନୀୟ ହୋଇପଡ଼େ। ଦୈନନ୍ଦିନ ଯାତାୟାତଠାରୁ ଆରମ୍ଭ କରି ଜରୁରୀକାଳୀନ ସମୟରେ ସାହିବାସୀଙ୍କୁ ନାନା ସମସ୍ୟାର ସାମ୍ନା କରିବାକୁ ପଡୁଛି । ରାସ୍ତା ଅବସ୍ଥା ଯୋଗୁଁ ସାହି ଭିତରକୁ ଆମ୍ବୁଲାନ୍ସ ଯାଇପାରୁନାହିଁ । ରୋଗୀଙ୍କୁ ଜରୁରୀ ସମୟରେ ଖଟିଆରେ ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ନେବାକୁ ପଡୁଛି। ରାସ୍ତା ନିର୍ମାଣ ପାଇଁ ସାହିବାସୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ ଅଫିସ୍ ଏବଂ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପର୍ଯ୍ୟନ୍ତ ଦାବି ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ ସମୟରେ ଦାବିପତ୍ର ଦିଆଯାଇଛି। ହେଲେ ଏଯାଏଁ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ ।

## ନାବାର୍ଡ ଋଣ ହାତଛଡ଼ା କଲା ଜଳସମ୍ପଦ ବିଭାଗ

# ୯୭୯୭କୋଟି ଖର୍ଚ୍ଚ କରିପାରିଲେନି, ଫେରିଗଲା

**ଭୁବନେଶ୍ୱର:** ୨୦୨୯-୩୦ ସୁଦ୍ଧା ରାଜ୍ୟର ଅତିରିକ୍ତ ୧୫ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ରାଜ୍ୟ ସରକାର ନିଜସ୍ୱ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା କରୁଥିବା ବେଳେ କେନ୍ଦ୍ର ସରକାରଙ୍କ ସହାୟତା, ନାବାର୍ଡ, ବିଶ୍ୱବ୍ୟାଙ୍କ, ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ଆଦିରୁ ଋଣ ଆଣି ବହୁ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଏବେ ନାବାର୍ଡ ମଞ୍ଜୁର କରିଥିବା ୯୭୯୬.୯୬କୋଟି ଟଙ୍କା ଋଣ ରାଜ୍ୟ ସରକାର ହାତଛଡ଼ା କରିଛନ୍ତି। ଅର୍ଥାତ୍ ରାଜ୍ୟ ସରକାର ଏହି ଟଙ୍କା ଉଠାଇବାକୁ ଯୋଜନା କରିବା ବେଳକୁ ନାବାର୍ଡ କହିଛି ଯେ ଋଣ ଦେବା ଅବଧି ସରିଯାଇଛି, ଆଉ ଅର୍ଥ ମଞ୍ଜୁର ହେବନି। ଧାର୍ଯ୍ୟ ଅବଧି ମଧ୍ୟରେ ଅର୍ଥ ଖର୍ଚ୍ଚ କରିନପାରିବାରୁ ଏହି ଯୋଜନାରେ ଋଣ ଟଙ୍କା ମିଳିବନି।

ଜଳସମ୍ପଦ ବିଭାଗ ସୂଚନା ଅନୁଯାୟୀ, ଓଡ଼ିଶାରେ ବୃହତ୍ ଏବଂ ମଧ୍ୟମ ଧରଣର ଜଳସେଚନ ପ୍ରକଳ୍ପ ପାଇଁ ନାବାର୍ଡ ପକ୍ଷରୁ ରାଜ୍ୟ ସରକାରଙ୍କୁ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆରଆଇଡିଏଫ୍)ରେ ୨୦୨୧-୨୨ ? ଆର୍ଥିକ ବର୍ଷରୁ ଟ୍ରେଞ୍ଚରେ ଋଣ ମଞ୍ଜୁର ହୋଇଥିଲା। ଏଥିରେ ରାଜ୍ୟ ସରକାର ବିଭିନ୍ନ ସମୟରେ ଅର୍ଥ ଉଠାଣ କରିଥିବାବେଳେ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏଥିରେ ୯୭୯୬.୯୬କୋଟି ଟଙ୍କା ଥିଲା। ଅର୍ଥାତ୍ ରାଜ୍ୟ ସରକାର ଏହି ଋଣ ଉଠାଇବାର ସୁଯୋଗ ଥିଲା। କିନ୍ତୁ ରାଜ୍ୟ ସରକାର କେଉଁ ପ୍ରକଳ୍ପରେ ଏହି ଅର୍ଥ ଖର୍ଚ୍ଚ କରିବେ, କେତେ ଟଙ୍କା ଖର୍ଚ୍ଚ କରିବେ ସେନେଇ ଟେଣ୍ଡର ପ୍ରକ୍ରିୟା କରିପାରିଲେନି କି କାମ ଆରମ୍ଭ ହେଲାନି। ନିକଟରେ ଏହି ଋଣ ଟଙ୍କା ଉଠାଇବାକୁ ନାବାର୍ଡକୁ କହିବାରୁ ନାବାର୍ଡ କର୍ତ୍ତୃପକ୍ଷ କହିଥିଲେ ଯେ ଏହି ଋଣ ଅବଧି ସରିଯାଇଛି, ଏବେ ଆଉ ଏହି ଅର୍ଥ ଦେଇହେବନି।

ଜଳସମ୍ପଦ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନାବାର୍ଡରୁ ଯେଉଁ ଋଣ ମିଳିଥାଏ ସେଥିରେ ରାଜ୍ୟ ସରକାରଙ୍କୁ କମ୍ ସୁଧ ଦେବାକୁ ପଡ଼ିଥାଏ। ଏହାସହ ନାବାର୍ଡ ଏକ ସଙ୍ଗେ ଋଣ ଅନୁମୋଦନ କଲେ ବି ଯେତିକି ଅର୍ଥ ଉଠାଣ ହୁଏ ସେହି ସମୟରୁ ସୁଧ ହିସାବ ହୁଏ। ଏଥିରେ ଜଳସମ୍ପଦ ବିଭାଗ ବିଭିନ୍ନ ପ୍ରକଳ୍ପ କରିବା ସମୟରେ ଯେତିକି କାର୍ଯ୍ୟ ହୋଇଥାଏ ସେହି ଅନୁଯାୟୀ ବିଲ୍ ଦାଖଲ ହେଲେ ବିଭାଗ ଅର୍ଥ ଆଣି ଠିକା ସଂସ୍ଥାକୁ ଦିଏ। ଏପରିକି ବିଭିନ୍ନ ପ୍ରକଳ୍ପରେ ରାଜ୍ୟ ସରକାର ଅର୍ଥ ଦିଅନ୍ତି ଓ ପରେ ଉକ୍ତ ପ୍ରକଳ୍ପ ବାବଦକୁ ଆରଆଇଡିଏଫ୍ ଯୋଜନାରେ ଅର୍ଥ ମଞ୍ଜୁର ହୁଏ। ବିଭାଗୀୟ ଅଧିକାରୀମାନେ କେଉଁ ଜିଲ୍ଲାରେ କେଉଁ ଯୋଜନାରେ ପ୍ରକଳ୍ପ କରିବେ ସେନେଇ ନିଷ୍ପତ୍ତି ନେବାରେ ବିଳମ୍ବ କରିବାରୁ ଏହି ଅର୍ଥ ଏବେ ଓଡ଼ିଶା ପାଇବନି। ଏବେ ବିଭାଗ ପକ୍ଷରୁ ଆରଆଇଡିଏଫ୍‌ର ଟ୍ରେଞ୍ଚ (ଏକ୍ସଏକ୍ସଏକ୍ସଆଇ)କୁ ଉକ୍ତ ଋଣ ରାଶି ୯୭୯୬.୯୬କୋଟି ଟଙ୍କା ସ୍ଥାନାନ୍ତର କରିବାକୁ କହିବାରୁ ନାବାର୍ଡ କର୍ତ୍ତୃପକ୍ଷ ଉକ୍ତ ଋଣ ଯୋଜନା ବନ୍ଦ ହୋଇଯାଇଥିବା କହିଛନ୍ତି। ଏହି ଋଣ ନେବାର ଅବଧି ୫ବର୍ଷ ଥିବାରୁ ସେହି ସମୟରେ ବିଭାଗକୁ ଯୋଜନା ପ୍ରସ୍ତୁତ କରିବାର ଥିଲା। ନାବାର୍ଡ ପକ୍ଷରୁ ଟ୍ରେଞ୍ଚ (ଏକ୍ସଏକ୍ସଭିଆଇଆଇଆଇ)ରେ ଅର୍ଥାତ୍ ୨୦୨୨-୨୩ରେ ରାଜ୍ୟରେ ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ ଭଳି ପ୍ରକଳ୍ପ ପାଇଁ ଋଣ ମଞ୍ଜୁର ହୋଇଥିଲା। ଏଥିରେ ଏବେ ବୃହତ୍ ଏବଂ ମଧ୍ୟମ ଉଠା ଜଳସେଚନ ପ୍ରକଳ୍ପ ପାଇଁ ୧୭୭୭.୯୪କୋଟି ଟଙ୍କା ଏବଂ ଓଡ଼ିଶା ଉଠା ଜଳସେଚନ ନିଗମକୁ ୬୨୯.୧୭କୋଟି ଟଙ୍କା ପ୍ରକଳ୍ପ ପାଇଁ ଋଣ ମିଳିଛି। ଏହି ୨୪୦୭.୧୧କୋଟି ଟଙ୍କା ଆସନ୍ତା ମାର୍ଚ୍ଚ ୧୫ତାରିଖ ସୁଦ୍ଧା ଖର୍ଚ୍ଚ କରି ବିଲ୍ ଦେବାକୁ ପଡ଼ିବ। ନଚେତ୍ ମାର୍ଚ୍ଚ ୩୧ରେ ଏହି ଟଙ୍କା ବି ଫେରିଯିବ ବୋଲି ନାବାର୍ଡ କହିଛି। ତେଣୁ ବିଭାଗ ପକ୍ଷରୁ ଏବେ ଏଥିପାଇଁ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରାଥମିକ ସର୍ଭେ ଓ ଟେଣ୍ଡର ପ୍ରକ୍ରିୟା କରିବାକୁ କୁହାଯାଇଛି।

## ୩ କିମି ଖଟିଆରେ ବୁହା ହେଲେ ଗର୍ଭବତୀ



**ତେନ୍ତୁଳିଖୁଣ୍ଟି:** ସ୍ୱାଧୀନତା ର ୮୦ ବର୍ଷ ପରେ ମଧ ଗାଁକୁ ପକ୍କା ରାସ୍ତା ଖଣ୍ଡେ ନିର୍ମାଣ ହୋଇପାରିଲାନି। ଫଳରେ ପାହାଡିଆ କାଦୁଅ ରାସ୍ତାରେ ୩ କିଲୋମିଟର ଦୂର ଖଟିଆରେ ବୁହା ହେଲେ ଗର୍ଭବତୀ। ଏହାପରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇଥିଲା। ହେଲେ ଗର୍ଭବତୀ ତେନ୍ତୁଳିଖୁଣ୍ଟି ହସ୍ପିଟାଲ କୁ ଅଣାଯାଉଥିବା ବେଳେ ଅଧା ବାଟରେ ଆମ୍ବୁଲାନ୍ସ ଭିତରେ ଛୁଆ ଜନ୍ମ ହୋଇଛି। ଏଭଳି ଦୃଶ୍ୟ ତେନ୍ତୁଳିଖୁଣ୍ଟି ସଦର ପଂଚାୟତ ଅନ୍ତର୍ଗତ ବରଡାଯୋଡି ଗ୍ରାମରେ ଦେଖିବାକୁ ମିଳିଛି। ନବରଙ୍ଗପୁରଜିଲ୍ଲା ତେନ୍ତୁଳିଖୁଣ୍ଟି ସଦର ପଂଚାୟତ ଅନ୍ତର୍ଗତ ବରାଡାଯୋଡି ଗ୍ରାମର ପୂରନ ଯାନୀଙ୍କ ପତ୍ନୀ ମଇନା ଯାନୀଙ୍କ ଆଜି ଭୋର ସକାଳୁ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲେ। ଏହାପରେ ପରିବାର ଲୋକ ଆଶା କର୍ମୀ ରାଧିକା ନାୟକଙ୍କୁ ଖବର ଦେଇଥିଲେ। ଖବର ପାଇ ଆଶା କର୍ମୀ ବରଡାଯୋଡି ଗ୍ରାମସ୍ଥିତ ଗର୍ଭବତୀଙ୍କ ଘରକୁ ଯାଇ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ବରଡାଯୋଡି ଗ୍ରାମକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସଟି ଡ଼ାଇକ ୧ ଗାଁ ପର୍ଯ୍ୟନ୍ତ ପହଂଚି ଅଟକି ଯାଇଥିଲା। ଗର୍ଭବତୀଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ସହଯୋଗରେ ଗର୍ଭବତୀଙ୍କୁ ଖଟିଆରେ ବୋହି ଡ଼ାଇକ ୧ ପର୍ଯ୍ୟନ୍ତ ଆଣିବା ପରେ ଆମ୍ବୁଲାନ୍ସ ସେବା ମିଳିଥିଲା।ତେବେ ତେନ୍ତୁଳିଖୁଣ୍ଟି ହସ୍ପିଟାଲକୁ ଅଣାଯାଉଥିବା ବେଳେ ଅଧା ବାଟ ଚିଙ୍ଗଡିସୋର ଗ୍ରାମ ନିକଟରେ ଗର୍ଭବତୀ ମହିଳା ଜଣଙ୍କ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିବା ଖବର ମିଳିଛି। ଉଭୟ ପୁତ୍ର ସନ୍ତାନ ଓ ଗର୍ଭବତୀଙ୍କୁ ତେନ୍ତୁଳିଖୁଣ୍ଟି ହସ୍ପିଟାଲକୁ ଆଣିବା ପରେ ଆବଶ୍ୟକ ଚିକିତ୍ସା ପରେ ଉଭୟ ମା ଓ ପୁତ୍ର ସନ୍ତାନ ସୁସ୍ଥ ରହିଥିବା ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି। ପ୍ରକାଶ ଥାଉକି ଡ଼ାଇକ ୧ ରୁ ୩ କିଲୋମିଟର ଦୂର ବରାଡାଯୋଡି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇନି। ଏମିତିକି ତେନ୍ତୁଳିଖୁଣ୍ଟି ସଦର ପଂଚାୟତ ଅନ୍ତର୍ଗତ ସିନ୍ଧିଗୁଡା ଗ୍ରାମ ଠାରୁ ବରାଡାଯୋଡି ଗ୍ରାମ ପର୍ଯ୍ୟନ୍ତ ମଧ୍ୟ ପକ୍କା ରାସ୍ତା ନିର୍ମାଣ ହୋଇନି। ଫଳରେ ବରଡ଼ାଯୋଡି ଗ୍ରାମବାସୀ ବର୍ଷ ବର୍ଷ ଧରି ରୋଗୀ ତଥା ଗର୍ଭବତୀଙ୍କୁ ଖଟିଆରେ ବୋହି ସିନ୍ଧିଗୁଡା ଗାଁ କିମ୍ବା ଡ଼ାଇକ ୧ ପର୍ଯ୍ୟନ୍ତ ଆଣିବା ପରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇପାରୁଛି ।

## ଯାତ୍ରୀବାହୀ ବସ୍‌କୁ ଧକ୍କା ଦେଲା ଟ୍ରକ୍: ୬ ମୃତ, ୩୦ରୁ ଅଧିକ ଗୁରୁତର

**ତେଲେଙ୍ଗାନା:** ତେଲେଙ୍ଗାନାର ସୂର୍ଯ୍ୟପେଟ୍‌ରେ ଘଟିଛି ଏକ ଭୟଙ୍କର ସଡ଼କ ଦୁର୍ଘଟଣା। ହାଇଦ୍ରାବାଦରୁ ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍‌କୁ ଲୁହା ରଡ୍ ବୋଝେଇ ଟ୍ରକ୍ ଧକ୍କା ଦେବାରୁ ୬ଜଣଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ୩୦ରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।




# ୨,୨୪୮କୋଟି ତୁରନ୍ତ ଫେରାଅ, ୨୧ ବିଭାଗକୁ ଅର୍ଥ ବିଭାଗର ପତ୍ର

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ୨୧ଟି ବିଭାଗ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅର୍ଥ ଖର୍ଚ୍ଚ କରିପାରି ନ ଥିବାରୁ ଏବେ ସମସ୍ୟା ସୃଷ୍ଟି ହୋଇଛି। ୨୦୨୫-୨୬ ଆର୍ଥିକବର୍ଷର ୨,୨୪୮ କୋଟି ଟଙ୍କା ତୁରନ୍ତ ଫେରାଇବା ଲାଗି ଅର୍ଥ ବିଭାଗ ପକ୍ଷରୁ ସମ୍ପୃକ୍ତ ବିଭାଗକୁ କୁହାଯାଇଛି। ଏ ସଂକ୍ରାନ୍ତରେ ଅଗଷ୍ଟ ୧୮ରେ ଅର୍ଥ ବିଭାଗ ଅନୁସଚିବ ସୁନୈନା ସିଂ ପତ୍ର ଲେଖି ଦର୍ଶାଇଛନ୍ତି, ଅର୍ଥ ବିଭାଗର ନିଷ୍ପତ୍ତିକ୍ରମେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (ସିଏସ୍ଏସ୍)ରେ ୨୦୨୫-୨୬ ଆର୍ଥିକବର୍ଷରେ ଯେଉଁ ଅର୍ଥ ବିଭାଗଗୁଡ଼ିକ ଖର୍ଚ୍ଚ କରିପାରି ନାହାନ୍ତି ତୁରନ୍ତ ଫେରାଇବାକୁ ହେବ। ଅନୁସଚିବ ସିଂ ପତ୍ରରେ କୃଷି, ସମବାୟ, ମତ୍ସ୍ୟ ଓ ପଶୁସମ୍ପଦ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଜଙ୍ଗଲ ଓ ପରିବେଶ, ସ୍ୱାସ୍ଥ୍ୟ, ଉଚ୍ଚଶିକ୍ଷା, ଗୃହ ଓ ନଗର ଉନ୍ନୟନ, ମିଶନଶକ୍ତି, ପଞ୍ଚାୟତିରାଜ, ଯୋଜନା ଓ ସଂଯୋଜନ, ଗ୍ରାମ୍ୟ ଉନ୍ନୟନ, ବିଦ୍ୟାଳୟ ଓ ଗଣଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଏସ୍ଏସ୍ଇପିଡି, ଏସ୍‌ସିଏସ୍‌ଟି,




ଜଳସମ୍ପଦ, ମହିଳା ଓ ଶିଶୁ କଲ୍ୟାଣ ଏବଂ ପୂର୍ତ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖି ତୁରନ୍ତ ସିଙ୍ଗଲ୍ ନୋଡାଲ ଏଜେନ୍ସି (ଏସ୍ଏନ୍ଏ) ଆକାଉଣ୍ଟର ବଳକା ଅର୍ଥ ଫେରାଇବାକୁ ଦର୍ଶାଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (ସିଏସ୍ଏସ୍)ରେ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରାୟ ୨୧ଟି ବିଭାଗ ୨ହଜାର ୨୪୮କୋଟି ଟଙ୍କା ଖର୍ଚ୍ଚ କରିପାରି ନ ଥିଲେ। ଏହାକୁ ନେଇ ଅର୍ଥ ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଅର୍ଥ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଚଳିତବର୍ଷ କିପରି ବିଭିନ୍ନ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (ସିଏସ୍ଏସ୍)ରେ ୨୫ହଜାର କୋଟି ଟଙ୍କା ଆସିବ ତାକୁ ନେଇ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଜୁଲାଇ ୨୧ରେ ସବୁ ବିଭାଗର ସଚିବଙ୍କୁ ତାଗିଦା କରିଥିଲେ। ରାଜସ୍ୱ ସଂଗ୍ରହ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ଗର୍ଗ, ସମସ୍ତ ସିଏସ୍ଏସ୍ କାର୍ଯ୍ୟକାରୀ ବିଭାଗ କେନ୍ଦ୍ର ସରକାରଙ୍କ ସମ୍ପୃକ୍ତ ମନ୍ତ୍ରଣାଳୟ ସହ ନିୟମିତ ସମନ୍ୱୟ ରଖି କେନ୍ଦ୍ରୀୟ ଅଂଶର ସର୍ବାଧିକ ଅର୍ଥ କିଭଳି ମିଳିବ ସେଥିନେଇ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ, ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବଜେଟରେ ଧାର୍ଯ୍ୟ ୪୦,୦୪୦ କୋଟି ଟଙ୍କାରୁ ଅତି କମ୍‌ରେ ୨୫,୦୦୦କୋଟି ଟଙ୍କା ଯେଭଳି ଆଦାୟ ହୋଇପାରିବ ତାହାକୁ ଗୁରୁତ୍ୱ ଦେବାକୁ ହେବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ଅଂଶଧନ ଅର୍ଥ ଫେରାଇବାକୁ ନେଇ ଲୋକସେବା ଭବନରେ ଚର୍ଚ୍ଚା ଜୋର ଧରିଛି।

### ଆଇଆଇଏମଟିରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ମାରକୀ ପୁରସ୍କାର

## ବୃତ୍ତି ଓ ମେଣ୍ଟରସିପ୍ ସୁଯୋଗ; ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଯୋଗ କ୍ଲବ୍ ଓ ଓପନ୍ ଜିମ୍ ଉଦ୍‌ଘାଟିତ

ଭୁବନେଶ୍ୱର : ଇଣ୍ଟରସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱର ପକ୍ଷରୁ ବାର୍ଷିକ ବୃତ୍ତି ଓ ପୁରସ୍କାର ପ୍ରଦାନ ସମାରୋହ ସହିତ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାସ୍ଥ୍ୟ ଓ ସୁସ୍ଥତା ଅଧିବେଶନ ଆୟୋଜିତ ହୋଇଯାଇଛି। ଶିକ୍ଷାଗତ ଉତ୍କର୍ଷତାକୁ ସମ୍ମାନ ଦେବା, ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ଏବଂ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ସହ ସୁସ୍ଥତାକୁ ଗୁରୁତ୍ୱ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଆଇଆଇଏମଟି ଭୁବନେଶ୍ୱରର ଅଧ୍ୟକ୍ଷ ପ୍ରଫେସର (ଡ.) ଶ୍ରୀକାନ୍ତ ପଟ୍ଟନାୟକ ପରିଚୟମୂଳକ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ପ୍ରଫେସର (ଡ.) ଜୟଦେବ କର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପୁରସ୍କାର ପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏମବିଏ, ଏମସିଏ ଓ ବି. ଟେକ କାର୍ଯ୍ୟକ୍ରମରେ ସର୍ବାଧିକ, ଦ୍ୱିତୀୟ ସର୍ବାଧିକ ଓ ତୃତୀୟ ସର୍ବାଧିକ ଏସଜିପିଏ ହାସଲ କରିଥିବା ମୋଟ ୯ଜଣ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏମବିଏରେ ପ୍ରଫେସର ସୋନାଲି ଦାସ ସ୍ମାରକୀ ପୁରସ୍କାର ରୁଚିସ୍ମିତା ସାହୁ, ପ୍ରଫେସର ଉମେଶ ଚରଣ ପଟ୍ଟନାୟକ ସ୍ମାରକୀ ପୁରସ୍କାର ଅଂଶୁଭବ ପ୍ରଧାନ ଏବଂ ପ୍ରଫେସର ବିଜୟନ ସୁଗୁମାରନ ସ୍ମାରକୀ ପୁରସ୍କାର ବର୍ଷା ରାଣୀ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଏମସିଏରେ ପ୍ରଫେସର ଫ୍ଲୋରିନ ପୋପେଣ୍ଟିଉ ସ୍ମାରକୀ ପୁରସ୍କାର ଲମ୍ବୋଦର ଜେନା, ପ୍ରଫେସର କାଜୁମି ନାକାମାସୁ ସ୍ମାରକୀ ପୁରସ୍କାର ନିତେଶ କୁମାର ଦାସ ଏବଂ ପ୍ରଫେସର ପ୍ରଭାତ କୁମାର



ମହାନ୍ତି ସ୍ମାରକୀ ପୁରସ୍କାର ଭୋଳାନାଥ ମହାନ୍ତଙ୍କୁ ପ୍ରଦାନ କରାଯାଇଥିଲା। ବି. ଟେକ ରେ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ସ୍ୱର୍ଗତ ପ୍ରଫେସର ମହେଶ ଚନ୍ଦ୍ର ସାହୁ ସ୍ମାରକୀ ପୁରସ୍କାର ସୁଭାଶ୍ରୀ ସାହୁ, ପ୍ରଫେସର ଲକ୍ଷ୍ମୀ ସି. ଜୈନ ସ୍ମାରକୀ ପୁରସ୍କାର ଅଂଶୁମାନ ବେହେରା ଏବଂ ସ୍ୱର୍ଗତ ଇଞ୍ଜିନିୟର ଚେତନ ଲାଲ ଜୈନ ସ୍ମାରକୀ ପୁରସ୍କାର ଶ୍ରିୟା ଶ୍ରଦ୍ଧାଞ୍ଜଳି ସାହୁଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ସହ ପ୍ରଶସ୍ତିପତ୍ର ପ୍ରଦାନ କରାଯିବା ସହିତ ପୁରସ୍କାରପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ଷ୍ଟେମ (ଏସଟିଇଏମ୍) କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଠାରୁ ନିଶୁଳ୍କ ମେଣ୍ଟରଶିପ୍ ପାଇବାର ସୁଯୋଗ ମଧ୍ୟ ଦିଆଯାଇଛି। ରାଜେନ୍ଦ୍ର ନାଥ ସେନାପତିଙ୍କ ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟ ଓ ସୁସ୍ଥତା ଅଧିବେଶନରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରାଯାଇଥିଲା। ଆଇଆଇଏମଟି ଭୁବନେଶ୍ୱର ପକ୍ଷରୁ ଯୋଗ କ୍ଲବ୍ ଓ ଓପନ୍ ଜିମ୍‌ର ଉଦ୍‌ଘାଟନ କରାଯାଇଥିଲା। ଆଇଆଇଏମଟି ଭୁବନେଶ୍ୱରର ଡିନ୍ ଏକାଡେମିକ୍ସ, ପ୍ରଫେସର (ଡ.) ପ୍ରମୋଦ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

### ଆଇଆଇଏମଟି ଭୁବନେଶ୍ୱର ସହ ବିଶ୍ୱ ଦକ୍ଷତା କେନ୍ଦ୍ର ବୁଝାମଣାପତ୍ର ସ୍ୱାକ୍ଷର

## ତାଲିମ ଓ ନିଯୁକ୍ତି ସୁଯୋଗ ପାଇବେ ଛାତ୍ରଛାତ୍ରୀ

**ଭୁବନେଶ୍ୱର:** ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଛାତ୍ରଛାତ୍ରୀଙ୍କ ତାଲିମ ଏବଂ ନିଯୁକ୍ତି କ୍ଷେତ୍ରରେ ସହଯୋଗ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର , ଭୁବନେଶ୍ୱର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ବୁଝାମଣାପତ୍ରରେ ବିଶ୍ୱ ଦକ୍ଷତା କେନ୍ଦ୍ର ଅଧ୍ୟକ୍ଷ ଡକ୍ଟର ଶୁଭାଙ୍ଗ କିଶୋର ଦାସଙ୍କ ଉପସ୍ଥିତିରେ ଆଇଆଇଏମଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କର ସ୍ୱାକ୍ଷର କରିଛନ୍ତି। ଆଇଆଇଏମଟି ଚେୟାରମ୍ୟାନ ଡ.ଶ୍ରୀକାନ୍ତ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ସହଭାଗୀତା ଆଇଆଇଏମଟି ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ମଧ୍ୟରେ ଏକ ଦୃଢ଼ ସଂସ୍ଥାଗତ ସଂଗଠନ ପ୍ରତିଷ୍ଠା କରିବା ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିଳ୍ପ-ପ୍ରାସଙ୍ଗିକ ଦକ୍ଷତା ଓ ବୃତ୍ତିଗତ ଅଭିଜ୍ଞତା ହାସଲ କରିବା ପାଇଁ ବର୍ଦ୍ଧିତ ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ବୁଝାମଣାପତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଆଇଆଇଏମଟି ଛାତ୍ରମାନଙ୍କ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରର ଆଭ୍ୟନ୍ତରୀଣ ପ୍ରକଳ୍ପଗୁଡ଼ିକରେ କାମ କରିବାର ସୁଯୋଗ। ଏହିପରି ପ୍ରକଳ୍ପ-ଭିତ୍ତିକ କାର୍ଯ୍ୟ ଛାତ୍ରମାନଙ୍କୁ ସେମାନଙ୍କର ଶୈକ୍ଷିକ ଜ୍ଞାନକୁ ବାସ୍ତବ-ବିଶ୍ୱ ସମସ୍ୟାରେ ପ୍ରୟୋଗ କରିବାକୁ, ବ୍ୟବହାରିକ ଦକ୍ଷତା ବିକାଶ କରିବାକୁ ଏବଂ ବୃତ୍ତିଗତ କାର୍ଯ୍ୟ ପରିବେଶରେ ମୂଲ୍ୟବାନ ଏକ୍ସପୋଜର ପାଇବାକୁ ସକ୍ଷମ କରିବ। ଏହି ସହଯୋଗ ଆଇଆଇଏମଟି ଛାତ୍ରମାନଙ୍କ ପାଇଁ ନିଯୁକ୍ତି ସୁଯୋଗକୁ ମଧ୍ୟ




ସହଜ କରିବ, ଯାହାଦ୍ୱାରା ନିଯୁକ୍ତି ସୁଯୋଗକୁ ଉନ୍ନତ କରିବା ଏବଂ ଏହାର ଛାତ୍ରମାନଙ୍କ ପାଇଁ ଅର୍ଥପୂର୍ଣ୍ଣ କ୍ୟାରିଅର ପଥ ସ୍ଥାପନ କରିବା ଦିଗରେ ପ୍ରତିଷ୍ଠାନର ପ୍ରୟାସକୁ ମଜବୁତ କରିବ। ଏହି ସହଭାଗୀତା ମାଧ୍ୟମରେ, ଛାତ୍ରମାନେ ବୃତ୍ତିଗତଙ୍କ ସହିତ ପାରସ୍ପରିକ କ୍ରିୟାଶୀଳ ହେବା, ବ୍ୟବହାରିକ ପ୍ରକଳ୍ପରେ ଅଂଶଗ୍ରହଣ କରିବା ଏବଂ ସମସାମୟିକ ଶିଳ୍ପ ଆବଶ୍ୟକତା ସହିତ ସାମଞ୍ଜସ୍ୟପୂର୍ଣ୍ଣ ଦକ୍ଷତା ବିକାଶ କରିବାର ସୁଯୋଗ ପାଇବେ। ଏହି ବୁଝାମଣାପତ୍ର ଆଇଆଇଏମଟି ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ମଧ୍ୟରେ ସହଯୋଗକୁ ସୁଦୃଢ଼ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ୨୬ବର୍ଷ ପରେ ଫେରିଲା ହଜିଲା ପୁଅ

**ଦୁବାଇରୁ ବି ସେ ଚତୁରତାର ସହ ଖସିଆସିଥିଲେ । କିନ୍ତୁ ଟଙ୍କା ଅଭାବରୁ ଘରକୁ ଫେରିପାରିନଥିଲେ । ଯାହାଫଳରେ ବିତିଯାଇଥିଲା ଅଢେଇ ଦଶନ୍ଧି । ହେଲେ ଏବେ ପିଣ୍ଟୁ ଗାଁକୁ ଫେରିବା ପରେ ପୂରା ପରିବାର ଖୁସି କହିଲେ ନସରେ ।**



ବାପା ଗାମୁଛାରେ ପୁଅକୁ ଝାଡ଼ିଦେଉଛନ୍ତି । ଆଉ ମା' ତା' ସ୍ନେହ ବୋଳା ପଣତରେ ପୁଅକୁ ପୋଛି ପକାଉଛି। ହଜିଲା ପୁଅଟା ୨୬ ବର୍ଷ ପରେ ମା' କୋଳକୁ ଫେରିଆସିଛି । ଆଉ ସେଇଥିପାଇଁ ଗାଁରେ ଲାଗିଛି ଏ ଗହଳି। ୨୦୦୦ ମସିହାରୁ ୨୦୨୬ ହେଲାଣି, ପୁଅକୁ ଚାହିଁ ଚାହିଁ ମନରୁ ଆଶା ଟିକକୁ ହରାଇଦେଇଥିଲେ ଏ ବାପା-ମା'। ହେଲେ ତାଙ୍କ ହଜିଲା ପୁଅ ଆଜି ତଙ୍କ ପାଖକୁ ଫେରିଛି। କେନ୍ଦ୍ରାପଡ଼ା ମହାକାଳପଡ଼ା ବ୍ଲକ ବଉଳକଣି ଗାଁର ଏ ଦୃଶ୍ୟ ।୨୬ ବର୍ଷ ପରେ ପୁଅ ପିଣ୍ଟୁ ଫେରିଥିବାରୁ ଗାଁରେ ସମସ୍ତେ ଖୁବ୍ ଖୁସି । ୨୦୦୦ ମସିହା ବେଳକୁ ପିଣ୍ଟୁଙ୍କୁ ମାତ୍ର ୧୫ ବର୍ଷ ହୋଇଥିଲା । ସେ ସମୟରେ କାମ ପାଇଁ ପିଣ୍ଟୁ କଲିକତା ଚାଲିଯାଇଥିଲେ । ସେଇଠି ତାଙ୍କୁ ଅପହରଣ କରାଯାଇଥିଲା । ହେଲେ କୌଶଳ କ୍ରମେ ପିଣ୍ଟୁ ସେଠାରୁ ଖସି ଆସିବା ପରେ ଜଣେ ଠିକାଦାର ତାଙ୍କୁ ଦୁବାଇ ନେଇଯାଇଥିଲେ। ଦୁବାଇରୁ ବି ସେ ଚତୁରତାର ସହ ଖସିଆସିଥିଲେ। କିନ୍ତୁ ଟଙ୍କା ଅଭାବରୁ ଘରକୁ ଫେରିପାରିନଥିଲେ । ଯାହାଫଳରେ ବିତିଯାଇଥିଲା ଅଢେଇ ଦଶନ୍ଧି । ହେଲେ ଏବେ ପିଣ୍ଟୁ ଗାଁକୁ ଫେରିବା ପରେ ପୂରା ପରିବାର ଖୁସି କହିଲେ ନସରେ । ପିଣ୍ଟୁ ହେଉଛନ୍ତି ଘରର ବଡ଼ ପୁଅ । ତାଙ୍କର ଆଉ ତିନି ଭାଇ ଓ ଦୁଇ ଭଉଣୀ ମଧ୍ୟ ଅଛନ୍ତି । ଏବେ ସମସ୍ତେ ବିବାହ କରି ନିଜ ନିଜ ସଂସାର କଲେଣି। ଆଉ ପିଣ୍ଟୁ ବି ବାହାହୋଇସାରିଛନ୍ତି। ହେଲେ ହଜିଲା ପୁଅ ଘରକୁ ଫେରିଥିବାରୁ କେବଳ ପିଣ୍ଟୁଙ୍କ ପରିବାର ନୁହେଁ ପୂରା ଗାଁରେ ଖୁସିର ମାହୋଲ୍ ହୋଇଛି ।

# ମିଶ୍ରି ବନାମ ଚିନି

**ଆମ ଦୈନନ୍ଦିନ ଜୀବନରେ ମିଠା ଖାଇବା ଏକ ସାଧାରଣ କଥା। ଚା, କଫିଠାରୁ ଆରମ୍ଭ କରି ବିଭିନ୍ନ କିସମର ପାରମ୍ପରିକ ମିଠା ପ୍ରସ୍ତୁତିରେ ଆମେ ଚିନି ବା ମିଶ୍ରିର ବ୍ୟବହାର କରିଥାଉ। ଅନେକେ ମିଶ୍ରିକୁ ଚିନି ଅପେକ୍ଷା ସ୍ୱାସ୍ଥ୍ୟକର ବିକଳ୍ପ ବୋଲି ଭାବନ୍ତି। ତେବେ ଏହି ଦୁଇଟି ମଧ୍ୟରେ ପ୍ରକୃତରେ କ'ଣ ଫରକ ରହିଛି ଓ ସ୍ୱାସ୍ଥ୍ୟ ପାଇଁ କେଉଁଟା ଭଲ, ଆସନ୍ତୁ ଜାଣିବା।**



ମିଶ୍ରି ଓ ଚିନି ମଧ୍ୟରେ ସବୁଠାରୁ ବଡ଼ ପାର୍ଥକ୍ୟ ହେଉଛି, ଏମାନଙ୍କ ପ୍ରସ୍ତୁତି ପ୍ରଣାଳୀ।

ମିଶ୍ରି- ଏହା କମ୍ ପ୍ରକ୍ରିୟାକରଣ ହୋଇଥିବା ପ୍ରାକୃତିକ ମିଠା। ଆଖୁ କିମ୍ବା ତାଳ ରସକୁ ରାସାୟନିକ ପଦାର୍ଥ ବିନା ଧୀରେ ଧୀରେ ଫୁଟାଇ ତାକୁ ଥଣ୍ଡା କରି ମିଶ୍ରି ପ୍ରସ୍ତୁତ କରାଯାଏ।

ଚିନି- ଧଳା ଦାନାଦାର ଚିନି ପ୍ରସ୍ତୁତ କରିବା ପାଇଁ ଅନେକ ଶିଳ୍ପଭିତ୍ତିକ ପ୍ରକ୍ରିୟା ଉପଯୋଗ କରାଯାଏ। ଏହାକୁ ସଫା ଓ ଧଳା କରିବା ପାଇଁ ବ୍ଲିଚିଂ, ସେଣ୍ଟ୍ରିଫ୍ୟୁଜନ୍ ଓ ବିଭିନ୍ନ ରାସାୟନିକ ପଦାର୍ଥ ବ୍ୟବହାର ହୁଏ, ଯାହାଦ୍ୱାରା ଏହାର ପ୍ରାକୃତିକ ଗୁଣ ନଷ୍ଟ ହୋଇଯାଏ।

## କ୍ୟାଲୋରି ଓ ପୋଷକ ତତ୍ତ୍ୱ

ଅନେକ ଲୋକ ଭାବନ୍ତି ଯେ, ମିଶ୍ରି ଖାଇଲେ ଓଜନ ବଢ଼େ ନାହିଁ, ତେବେ ଏହା ଭୁଲ ଧାରଣା। ଉଭୟ ମିଶ୍ରି ଓ ଚିନି ପ୍ରତି ୧୦୦ ଗ୍ରାମ୍‌ରେ ପ୍ରାୟ ୩୮୭ କ୍ୟାଲୋରି ଥାଏ। ଏଣୁ କ୍ୟାଲୋରି ଦୃଷ୍ଟିରୁ ଦୁଇଟିଯାକ ସମାନ। ତେବେ ମୁଖ୍ୟ ଫରକ୍ ହେଉଛି, ପୋଷକ ତତ୍ତ୍ୱରେ। ଚିନି ପ୍ରସ୍ତୁତ ହେବା ସମୟରେ ଏଥିରେ ଥିବା ସମସ୍ତ ଭିଟାମିନ୍ ଓ ମିନେରାଲ୍‌ସ ନଷ୍ଟ ହୋଇଯାଏ, ଯାହାକୁ ଏମ୍ପଟି କ୍ୟାଲୋରି କୁହାଯାଏ। କିନ୍ତୁ ମିଶ୍ରି କମ୍ ପ୍ରକ୍ରିୟାକୃତ ହୋଇଥିବାରୁ ଏଥିରେ କିଛି ମାତ୍ରାରେ କ୍ୟାଲ୍‌ସିୟମ୍, ମ୍ୟାଗ୍ନେସିୟମ୍ ଓ ଆଇରନ୍ ଭଳି ଜରୁରି ଖଣିଜ ଲବଣ ରହିଥାଏ।

ଚିନିରେ ଗ୍ଲାଇସେମିକ୍ ଇଣ୍ଡେକ୍ସ (ଜିଆଇ) ପ୍ରାୟ ୬୫ ହୋଇଥିବା ବେଳେ ମିଶ୍ରିର ଜିଆଇ ସାମାନ୍ୟ କମ୍, ଅର୍ଥାତ୍ ୫୫ରୁ ୬୦ ମଧ୍ୟରେ ଥାଏ। ଏହାର ଅର୍ଥ, ଚିନି ତୁଳନାରେ ମିଶ୍ରି ଶରୀରରେ ବ୍ଲଡ୍ ସୁଗାର୍ ବା ରକ୍ତ ଶର୍କରା ସ୍ତରକୁ ସେତେ ଶୀଘ୍ର ବଢ଼ାଏ ନାହିଁ। ତଥାପି ମଧୁମେହ ବା ଡାଇବେଟିସ୍ ରୋଗୀଙ୍କ ପାଇଁ ମିଶ୍ରି ପୂରା ସୁରକ୍ଷିତ ନୁହେଁ। ଏଥିରେ ମଧ୍ୟ ଗ୍ଲୁକୋଜ୍ ଥାଏ, ତେଣୁ ଡାଇବେଟିସ୍ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଏହାକୁ ଅତି ସୀମିତ ପରିମାଣରେ ଗ୍ରହଣ କରିବା ଉଚିତ।

ଔଷଧୀୟ ଗୁଣ ଆୟୁର୍ବେଦରେ ମିଶ୍ରିକୁ ଏକ ଶୀତଳକାରୀ ଉପାଦାନ ଭାବେ ଗଣାଯାଏ। ପାଚନ ପ୍ରକ୍ରିୟା ସୁଧାରିବା ପାଇଁ ପ୍ରାୟତଃ ଖାଇବା ପରେ ମେଥି ସହ ମିଶ୍ରି ଖାଇବାକୁ ଦିଆଯାଏ। ଏହାଛଡ଼ା ତଣ୍ଟି, କାଶ, ଥଣ୍ଡା ଓ ସର୍ଦ୍ଦିର ଉପଶମ ପାଇଁ କାଢ଼ା ବା ପାରମ୍ପରିକ ଔଷଧରେ ମିଶ୍ରି ଗୁଣ୍ଡ ବ୍ୟବହାର କରାଯାଏ। ଅନ୍ୟପକ୍ଷରେ ଚିନିର ସେଭଳି କେ ?ଣସି ଔଷଧୀୟ ଗୁଣ ନାହିଁ

## ରୋଷେଇରେ ବ୍ୟବହାର

ଆପଣ ଚା, କଫି, ସରବତ କିମ୍ବା ପାରମ୍ପରିକ ଓଡ଼ିଆ ପିଠାପଣାରେ ଚିନି ବଦଳରେ ମିଶ୍ରି ବ୍ୟବହାର କରିପାରିବେ। ତେବେ ଥଣ୍ଡା ପାନୀୟରେ ଏହାକୁ ବ୍ୟବହାର କରିବା ପୂର୍ବରୁ ଗୁଣ୍ଡ କରିଦେଲେ ଶୀଘ୍ର ଦ୍ରବୀଭୂତ ହୋଇଥାଏ। କିନ୍ତୁ କେକ୍ କିମ୍ବା ବିସ୍କୁଟ୍ ଭଳି ବେକିଂଜାତୀୟ ଖାଦ୍ୟରେ ଚିନି ଅଧିକ ଭଲ କାମ କରେ। ଯଦି ଆପଣ କେମିକାଲ୍ ?ମୁକ୍ତ ଓ କମ୍ ପ୍ରକ୍ରିୟାକୃତ ମିଠା ଖୋଜୁଛନ୍ତି, ତେବେ ଚିନି ତୁଳନାରେ ମିଶ୍ରି ଭଲ ବିକଳ୍ପ। ତେବେ ମନେ ରଖିବାକୁ ହେବ ଯେ, ଏହା ଏକ ପ୍ରକାରର ଶର୍କରା, ତେଣୁ ସୁସ୍ଥତା ପାଇଁ ଉଭୟର ବ୍ୟବହାର ସୀମିତ ରଖିବା ଉଚିତ।



## ବର୍ଷକୁ ଥରେ ଖୋଲେ ପ୍ରେମର ବଜାର !

# ଦୁନିଆର ଅଜବ ପ୍ରେମ ବଜାର

ଭାବନ୍ତୁ ତ... ଏମିତି ଏକ ବଜାର, ଯେଉଁଠି ନାହିଁ କିଣା ବିକାର ଭିଡ଼, ନାହିଁ ଦର ଦାମର କଥା... ଏଠାକୁ ଲୋକେ ଆସନ୍ତି ନିଜର ହଜିଯାଇଥିବା ପ୍ରେମକୁ ଥରେ ଦେଖିବା ପାଇଁ। ବର୍ଷକୁ କେବଳ ଗୋଟିଏ ଦିନ ଖୋଲିଥାଏ ଏହି ଅଜବ ପ୍ରେମ ବଜାର, ଯେଉଁଠି ପୁରୁଣା ପ୍ରେମୀମାନେ ମିଳନ କରନ୍ତି, ସ୍ମୃତିକୁ ଜୀବନ୍ତ କରନ୍ତି... ଏବଂ ପୁଣି ଅଲଗା ହୋଇଯାଆନ୍ତି। କିନ୍ତୁ ଏହି ପରମ୍ପରା ପଛରେ ଲୁଚିଛି ଏକ ଏମିତି ପ୍ରେମ କାହାଣୀ, ଯାହା ଶୁଣିଲେ ଆପଣ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯିବେ... ଭିଏତନାମରେ ଏମିତି ଏକ ବଜାର ଅଛି ଯେଉଁଠାରେ ସାମଗ୍ରୀ କିଣାବିକା ନୁହେଁ, ବରଂ ପୁରୁଣା ସ୍ମୃତି ଓ ଅଧୂରା ପ୍ରେମର ମିଳନ ହୁଏ। ଏହା ହେଉଛି ଉତ୍ତର ଭିଏତନାମର ପ୍ରସିଦ୍ଧ ଖାଓ ୱାଇ ପ୍ରେମ ବଜାର।

ପ୍ରତିବର୍ଷ ଥରେ ଏହି ବଜାର ଆୟୋଜିତ ହୁଏ, ଯେଉଁଠାରେ ପୁରୁଣା ପ୍ରେମିକ-ପ୍ରେମିକାମାନେ ପୁଣିଥରେ ଏକାଠି ହୁଅନ୍ତି। ସେମାନେ ପୁରୁଣା ଦିନର ସ୍ମୃତିକୁ ମନେ ପକାନ୍ତି, ଗୀତ ଗାଆନ୍ତି, କଥାବାର୍ତ୍ତା ହୁଅନ୍ତି ଏବଂ ପରେ ନିଜ ନିଜ ଜୀବନକୁ ଫେରିଯାଆନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଅନେକ ସମୟରେ ସେମାନଙ୍କ ବର୍ତ୍ତମାନର ଜୀବନସାଥୀମାନେ ମଧ୍ୟ ଏହି ମିଳନରେ ଉପସ୍ଥିତ ରହନ୍ତି। ଏଠାରେ ଈର୍ଷା କିମ୍ବା ବିବାଦ ନୁହେଁ, ବରଂ ଭାବନା ଓ ପରସ୍ପର ସମ୍ମାନକୁ ଗୁରୁତ୍ୱ ଦିଆଯାଏ।

ଖାଓ ୱାଇ ପ୍ରେମ ବଜାର ଉତ୍ତର ଭିଏତନାମର ପାର୍ବତ୍ୟ ଅଞ୍ଚଳରେ ଅବସ୍ଥିତ। ଏହି ଅଞ୍ଚଳ ଡୋଙ୍ଗ ଭାନ୍ କାର୍ଷ୍ଟ ପ୍ଲାଟୋର ଅଂଶ, ଯାହା ଏକ ୟୁନେସ୍କୋ ଗ୍ଲୋବାଲ୍ ଜିଓପାର୍କ ଭାବେ ପରିଚିତ। ପଥୁରିଆ ପାହାଡ଼, ଘୂର୍ଣ୍ଣନ ପଥ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ଏହି ପ୍ରେମ ବଜାର ଏକ ଅଲଗା ଅନୁଭୂତି



ଦେଇଥାଏ। ଏହି ଉତ୍ସବ ପ୍ରତିବର୍ଷ ତୃତୀୟ ଚନ୍ଦ୍ର ମାସର ୨୭ ତାରିଖରେ ଆୟୋଜିତ ହୁଏ, ଯାହା ସାଧାରଣତଃ ଏପ୍ରିଲ କିମ୍ବା ମେ ମାସରେ ପଡ଼େ। ପୂର୍ବରୁ ଏହା କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ଥିଲା, କିନ୍ତୁ ବର୍ତ୍ତମାନ ଏହା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ଚାଲୁଛି । ବିଶ୍ୱାସ କରାଯାଏ ଯେ ଏହି ପରମ୍ପରା ପ୍ରାୟ ୧୦୦ ବର୍ଷ ପୂର୍ବେ, ୧୯୧୯ ମସିହାରୁ ଆରମ୍ଭ ହୋଇଥିଲା। ଖାଓ ୱାଇ ପ୍ରେମ ବଜାର ପଛରେ ଏକ ହୃଦୟସ୍ପର୍ଶୀ କାହାଣୀ ରହିଛି। ଲୋକକଥା ଅନୁସାରେ, ନୁଙ୍ଗ ଜନଜାତିର ଯୁବକ ବା ଏବଂ ଗିଆ ଜନଜାତିର ଯୁବତୀ ଉଟ୍ ପରସ୍ପରକୁ ଗଭୀର ଭାବରେ ଭଲ ପାଉଥିଲେ। ବା ଜଣେ ଗରିବ କିନ୍ତୁ ପ୍ରତିଭାଶାଳୀ ଯୁବକ ଥିଲେ, ଯିଏ ଗୀତ ଗାଇବା ଓ ବଂଶୀ ବଜାଇବାରେ ଦକ୍ଷ ଥିଲେ। ଅନ୍ୟପଟେ ଉଟ୍ ଥିଲେ ଜଣେ ଜନଜାତି ମୁଖ୍ୟଙ୍କ ଝିଅ ।

ଭିନ୍ନ ଜନଜାତି ଓ ପାରିବାରିକ ବିରୋଧ କାରଣରୁ ସେମାନଙ୍କ ପ୍ରେମ ସଫଳ ହୋଇପାରିଲା ନାହିଁ। ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦ ଓ ହିଂସା ଆରମ୍ଭ ହେବା ପରେ, ଦୁଇ ପ୍ରେମୀ ଅଲଗା ହେବାକୁ ନିଷ୍ପତ୍ତି ନେଲେ। କିନ୍ତୁ ସେମାନେ ଏକ ପ୍ରତିଜ୍ଞା କଲେ ପ୍ରତିବର୍ଷ ତୃତୀୟ ଚନ୍ଦ୍ର ମାସର ୨୭ ତାରିଖରେ ଖାଓ ୱାଇ ଉପତ୍ୟକାରେ ମିଶିବେ, ପୁରୁଣା ସ୍ମୃତିକୁ ମନେ ପକାଇବେ ଏବଂ ପୁଣି ନିଜ ନିଜ ଜୀବନକୁ ଫେରିଯିବେ। କୁହାଯାଏ ସେମାନେ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଏହି ପ୍ରତିଜ୍ଞା ପାଳନ କରିଥିଲେ। ପରେ ସେମାନଙ୍କ ସ୍ମୃତିରେ ସ୍ଥାନୀୟ ଲୋକମାନେ ଦୁଇଟି ମନ୍ଦିର ନିର୍ମାଣ କରିଥିଲେ ଗୋଟିଏ ବା'ଙ୍କ ସ୍ମୃତିରେ ଏବଂ ଅନ୍ୟଟି ଉଟ'ଙ୍କ ସ୍ମୃତିରେ। ଆଜି ମଧ୍ୟ ଏହି ମନ୍ଦିରରେ ପ୍ରାର୍ଥନା ସହିତ ପ୍ରେମ ବଜାରର ଆରମ୍ଭ ହୁଏ। ଖାଓ ୱାଇ ପ୍ରେମ ବଜାର କେବଳ ଏକ ପରମ୍ପରା ନୁହେଁ, ଏହା ହେଉଛି ମାନବୀୟ ଭାବନା, ସମ୍ମାନ ଓ ଅଧୂରା ପ୍ରେମର ଏକ ଅନନ୍ୟ ଉଦାହରଣ।

# ପରିବେଶ ଯୋଦ୍ଧା ନିଖିଲ

**ଗଛ ଯଦି ଲଗାଇବା, ଉପକାରୀ ଗଛ କାହିଁକି ବା ନ ଲଗାଇବା ଯେଉଁ ଗଛର ଆୟୁ ଅଧିକ, ଯେଉଁ ଗଛରେ ଔଷଧୀୟ ଗୁଣ ଅଧିକ ରହିଛି, ଯେଉଁ ଗଛ ମୃତ୍ତିକା ଅବକ୍ଷୟକୁ ରୋକିବାର କ୍ଷମତା ରଖେ; ସେପରି ଗଛଟି ଚୟନ କରିବାରେ ଅସୁବିଧା କ'ଣ ?**



ଗଛ ଯଦି ଲଗାଇବା, ଉପକାରୀ ଗଛ କାହିଁକି ବା ନ ଲଗାଇବା ଯେଉଁ ଗଛର ଆୟୁ ଅଧିକ, ଯେଉଁ ଗଛରେ ଔଷଧୀୟ ଗୁଣ ଅଧିକ ରହିଛି, ଯେଉଁ ଗଛ ମୃତ୍ତିକା ଅବକ୍ଷୟକୁ ରୋକିବାର କ୍ଷମତା ରଖେ; ସେପରି ଗଛଟି ଚୟନ କରିବାରେ ଅସୁବିଧା କ'ଣ? ଏଭଳି ଏକ ଚିନ୍ତାଧାରା ନେଇ କେବଳ 'କଳ୍ପତରୁ ବୃକ୍ଷ' ରୋପଣ ଦିଗରେ ମନୋନିବେଶ କରିଛନ୍ତି ଆମ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡର ଯୁବ ପରିବେଶ ପ୍ରେମୀ ନିଖିଲ ମେହୁଲ।

ସେ ପରିବେଶ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରି ହାସଲ କରିବା ପରେ ସଂପ୍ରତି ଭୂଗୋଳକୁ ନେଇ ଗବେଷଣା କରୁଛନ୍ତି। ରାଞ୍ଚିର ଡୋରାଣ୍ଡୋରେ ଥିବା ୨୫୦ ବର୍ଷ ତଳର ଏକ କଳ୍ପତରୁ ବୃକ୍ଷକୁ ଦେଖିବା ପରେ ନିଖିଲ୍ ଏ ଗଛ ସଂପର୍କରେ ଅଧିକରୁ ଅଧିକ ଜାଣିବାକୁ ଚେଷ୍ଟା କଲେ। ଏହି ଗଛର ଉପକାରିତା ତାଙ୍କୁ ବେଶ୍ ପ୍ରଭାବିତ କରିବା ହେତୁ ସେ ଏବେ ଏହାର ବଂଶ ବୃଦ୍ଧି କରିବା ଦିଗରେ ଅନବରତ କାର୍ଯ୍ୟ କରୁଛନ୍ତି। ଏବେ ସୁଦ୍ଧା ନିଖିଲ ଝାଡ଼ଖଣ୍ଡରେ ପ୍ରାୟ ୨୧୦୦ କଳ୍ପତରୁ ବୃକ୍ଷରୋପଣ କରିସାରିଥିବା ବେଳେ ତାଙ୍କୁ ରାଜ୍ୟ ସରକାରଙ୍କ ତରଫରୁ 'କଳ୍ପତରୁ ମିତ୍ର' ସମ୍ମାନ ପ୍ରଦାନ କରାଯାଇଛି। ସେ ଲଗାଇଥିବା ଗଛରୁ ଅନେକ ଏବେ ବିରାଟକାୟ ଦ୍ରୁମ ହୋଇ ସ୍ଥାନୀୟ ଲୋକଙ୍କୁ ଛାୟା, ଔଷଧୀୟ ଉପାଦାନ ଯୋଗାଇବା ସହ ଜଳ ସଂରକ୍ଷଣ ଦିଗରେ ବି ସାହାଯ୍ୟ କରୁଛି। ନିଖିଲ କଳ୍ପତରୁ ଚାରାର ଏକ ନର୍ସରି ବି ତିଆରି କରିଛନ୍ତି। ଏହାଫଳରେ ଲୋକମାନେ ସହଜରେ ଚାରା ପାଇପାରିବେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତଙ୍କ ସମେତ ଅନେକ ପ୍ରମୁଖ ବ୍ୟକ୍ତିଙ୍କୁ ଏହି ଚାରା ଉପହାର ଦେବା ସହ ବନ ବିଭାଗକୁ ମଧ୍ୟ ପ୍ରଦାନ କରିଛନ୍ତି। ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିକୁ 'କଳ୍ପତରୁନଗର' ରେ ପରିଣତ କରିବା ହେଉଛି ତାଙ୍କର ଲକ୍ଷ୍ୟ।

ଏହି ଗଛର ଆୟୁ ପ୍ରାୟ ୨୫୦୦ ବର୍ଷ ହୋଇଥିବା ବେଳେ ଏଥିରେ ଔଷଧୀୟ ଗୁଣ ବ୍ୟତୀତ ଅନେକ ଧାର୍ମିକ ଗୁରୁତ୍ୱ ମଧ୍ୟ ରହିଛି। ଗଛର ପତ୍ରରୁ ନେଇ ଚେର ଆଦି ବିଭିନ୍ନ ଅଂଶରେ ଔଷଧୀୟ ଗୁଣ ଭରି ରହିଛି। କେବଳ ବୃକ୍ଷରୋପଣ କରିଦେଲେ ପରିବେଶ ପ୍ରତି ଆମର କର୍ତ୍ତବ୍ୟ ଶେଷ ହୋଇଯାଏ ନାହିଁ- ଏହି କଥାକୁ ହୃଦୟଙ୍ଗମ କରିବା ପରେ ସେ ସ୍ଥାନୀୟ ବାସିନ୍ଦା, ବିଶେଷ କରି ଛୋଟପିଲାମାନଙ୍କୁ ଏହି ବୃକ୍ଷର ଆବଶ୍ୟକତା ସଂପର୍କରେ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି।

# ହ୍ୟାଣ୍ଡସମ୍ ମେଜର ରିଷଭ ସାମ୍ଯାଲ୍





ଭୁବନେଶ୍ୱର : ନା ଆକ୍ଟର, ନା କ୍ରିକେଟର... ତଥାପି ସୋସିଆଲ ମିଡିଅାରେ ମଚାଇଛନ୍ତି ଧୁମ୍। ଦେଶରେ ଏବେ ହଟ୍ ଟପିକ୍‌ରେ ଅଛନ୍ତି ଆର୍ମି ଅଫିସର ଋଷଭ ସିଂ ସାମ୍ଯାଲ୍... ସୁନ୍ଦର ଚେହେରା ଶାନ୍ତ ସ୍ୱଭାବ, ମୁହଁରେ ସ୍ମିତ ହାସ୍ୟ... ନା ସୋସିଆଲ ମିଡିଅାରେ ଆକ୍ଟିଭ୍ ରୁହନ୍ତି, ନା ବ୍ଲଗ୍ କରନ୍ତି। ତଥାପି ତାଙ୍କର ଲକ୍ଷ ଲକ୍ଷ ଫେଲାୟର୍ସ। ପୂରା ଇଣ୍ଟରେନଟ୍ ତାଙ୍କର ଫ୍ୟାନ୍। ତେବେ କିଏ ଏହି ହ୍ୟାଣ୍ଡସମ୍ ମେଜର ସାହେବ୍ ଚେହେରାକୁ ନେଇ ସବୁଠି ଚର୍ଚ୍ଚାରେ ସେ ରୁହନ୍ତି ମେଜର ଋଷଭ ସାମ୍ଯାଲ୍। ଲୋକେ କେବଳ ତାଙ୍କର ହ୍ୟାଣ୍ଡସମ୍ ଲୁକ୍ ପାଇଁ ଦିୱାନା ନୁହଁନ୍ତି, ପର୍ସନାଲିଟି, ପ୍ରୋଫେସନାଲିଜିମ୍ ପାଇଁ ଏହି ମେଜର ସାହେବଙ୍କ ଫ୍ୟାନ୍ ହୋଇଗଲେଣି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ତାଙ୍କ ଫଟୋ, ଭିଡିଓ ଖୁବ୍ ଭାଇରାଲ୍ ହେଉଛି। କେବେ ସେ ରାଷ୍ଟ୍ରପତିଙ୍କୁ ରୁମାଲ ଦେଉଥିବା ବେଳେ ତ କେତେବେଳେ ବର୍ଷାରେ ତାଙ୍କ ପାଇଁ ଛତା ଧରିଥିବା ଦୃଶ୍ୟ...ଏହି ଛୋଟ ଛୋଟ ମୁହୂର୍ତ୍ତ କୋଟି କୋଟି ଜନତାଙ୍କ ହୃଦୟ ଜିଣି ନେଇଛି। ହେଲେ ଋଷଭ କେବଳ ଜଣେ ଭାଇରାଲ୍ ଚେହେରା ନୁହଁନ୍ତି। ସେ ଇଣ୍ଡିଆନ ଆର୍ମିର ଇଲିଟ୍ ୪ ପାରା ସ୍ପେଶାଲ୍ ଫୋର୍ସେସ୍‌ର ଜଣେ ଦାୟିତ୍ୱବାନ୍ ମେଜର ୨୦୨୫-୨୬ରେ ଗୁଗଲ ଟ୍ରେଣ୍ଡ୍‌ରେ ତାଙ୍କ ନାମ ଟପ୍‌ରେ ଥିଲା। ମେଜର ଋଷଭ ସିଂ ସମ୍ଯାଲ ଡୋଗରା ରାଜପୁତ ପରିବାରରୁ ଆସିଛନ୍ତି। ତାଙ୍କ ଘର ଜାମ୍ମୁ କାଶ୍ମୀରର ସାମ୍ବା ଜିଲ୍ଲାରେ। ସୀମାରେ ବଢ଼ିଥିବା ଏହି ଯୁବକ ଦେଶ ମାତୃକା ପାଇଁ ସେବା କରିବାକୁ ପିଲାଦିନୁ ସ୍ୱପ୍ନ ଦେଖୁଥିଲେ। ତାଙ୍କର ପ୍ରଥମ ପୋଷ୍ଟିଂ ଜାଟ୍ ରେଜିମେଣ୍ଟରେ ଥିଲା। ୨୦୨୧ ରିପବ୍ଲିକ ଡେ ପରେଡରେ ସେ ତାଙ୍କ ଗ୍ରୁପ୍‌କୁ ଲିଡ୍ କରିଥିଲେ। ତାଙ୍କ କମାଣ୍ଡର ଜାଟ୍ ରେଜିମେଣ୍ଟ ବେଷ୍ଟ ମାର୍ଚିଂ କଣ୍ଟିଜେଣ୍ଟ ପୁରସ୍କାର ଜିତିଥିଲା। ଏହାପରେ ସେ ୪ ପାରା ସ୍ପେଶାଲ୍ ଫୋର୍ସେସ୍‌ରେ ଜଏନ୍ କଲେ। ପରେ ତାଙ୍କୁ ରାଷ୍ଟ୍ରପତିଙ୍କ ଏଡିସି ଭାବେ ନିଯୁକ୍ତ କରାଗଲା। ଯାହାକି ଇଣ୍ଡିଆନ୍ ଅର୍ମିରେ ସବୁଠୁ ସମ୍ମାନଜନକ ପୋଷ୍ଟିଂ। ପ୍ରେସିଡେଣ୍ଟଙ୍କ ସବୁ ପ୍ରୋଗ୍ରାମରେ ସାଥ୍ ରହିବା, ପ୍ରୋଟୋକଲ୍ ସମ୍ଭାଳିବା ଏବଂ ଅତିଥିଙ୍କୁ ସ୍ୱାଗତ କରିବା ଥିଲା ତାଙ୍କ କାମ । ସବୁଠୁ ଆଶ୍ଚର୍ଯ୍ୟର କଥା ତାଙ୍କ ନାମରେ ଥିବା ଫ୍ୟାନ୍ ପେଜରେ ହଜାର ହଜାର ଫଲୋୟର୍ସ ଅଛନ୍ତି। ଏତେ ଭାଇରାଲ୍ ହେବା ପରେ ବି ତାଙ୍କର କୌଣସି ଅଫିସିଆଲ୍ ପବ୍ଲିକ୍ ସୋସିଆଲ ମିଡିଆ ଆକାଉଣ୍ଟ ନାହିଁ।

# ସମୁଦ୍ର ତଳେ ବିଛାଯାଇଛି ଇଣ୍ଟରନେଟ କେବୁଲ



ଆଜି ଇଣ୍ଟରନେଟ ବ୍ୟବହାର ଆମ ଜୀବନର ଏକ ଅଂଶ ପାଲଟିଛି। ସୋସିଆଲ ମିଡିଆ, ଭିଡିଓ କଲ, ଅନଲାଇନ ସପିଂ, ୟୁଟ୍ୟୁବ, ଅଫିସ କାମ, ସବୁକିଛି ଇଣ୍ଟରନେଟ ରେ ଚାଲିଥାଏ। କିନ୍ତୁ ଆପଣ କେବେ ଭାବିଛନ୍ତି କି ଏହି ଇଣ୍ଟରନେଟ କେଉଁଠାରୁ ଆସେ ? ପ୍ରାୟତଃ ଲୋକମାନେ ଭାବନ୍ତି ଯେ ଇଣ୍ଟରନେଟ ଆକାଶରୁ ଅର୍ଥାତ ସାଟେଲାଇଟ କିମ୍ବା ମୋବାଇଲ ଟାୱାରରୁ ଆସେ। କିନ୍ତୁ ବିଶ୍ୱର ୯୯ ପ୍ରତିଶତ ଇଣ୍ଟରନେଟ ସମୁଦ୍ର ତଳେ ବିଛାଯାଇଥିବା କେବୁଲ ମାଧ୍ୟମରେ ଆସେ।

ବିଶ୍ୱର ବିଭିନ୍ନ ଦେଶକୁ ଇଣ୍ଟରନେଟ ସହିତ ସଂଯୋଗ କରିବାର ସବୁଠାରୁ ଶକ୍ତିଶାଳୀ ଏବଂ ନିର୍ଭରଯୋଗ୍ୟ ଉପାୟ ହେଉଛି ସମୁଦ୍ର ତଳେ ବିଛାଯାଇଥିବା ଅପ୍ଟିକାଲ ଫାଇବର କେବୁଲ। ଏହି କେବୁଲ ହଜାର ହଜାର କିଲୋମିଟର ଲମ୍ବା ଏବଂ ସମୁଦ୍ରର ଗଭୀରତାରେ ବିଛାଯାଇଥାଏ। ଏଗୁଡ଼ିକ ମାଧ୍ୟମରେ, ବିଶ୍ୱର ଗୋଟିଏ ଅଂଶରୁ ଅନ୍ୟ ଅଂଶକୁ ଇଣ୍ଟରନେଟ ଡାଟା ପଠାଯାଏ ଏବଂ ଗ୍ରହଣ କରାଯାଏ। ଏପରି ପରିସ୍ଥିତିରେ, ଆସନ୍ତୁ ଜାଣିବା ଏତେ ବଡ଼ ସମୁଦ୍ରରେ ଏତେ ଲମ୍ବା କେବୁଲର ମାଲିକ କିଏ ?

ଇଣ୍ଟରନେଟ କେବୁଲ ୧୮୩୦ ଦଶକରେ ଆରମ୍ଭ ହୋଇଥିଲା। ଯେତେବେଳେ ଟେଲିଗ୍ରାଫ ଆବିଷ୍କାର ହୋଇଥିଲା। ସେହି ଯୁଗରେ ମଧ୍ୟ ଯୋଗାଯୋଗ ପାଇଁ ତାର ବ୍ୟବହାର କରାଯାଉଥିଲା। ଏହା ପରେ, ୧୮୫୮ ମସିହାରେ, ଆମେରିକୀୟ ବ୍ୟବସାୟୀ ସାଇରସ ଫ୍ୱେଷ୍ଟଫିଲ୍ଡ ଆଟଲାଣ୍ଟିକ ମହାସାଗର ତଳେ ପ୍ରଥମ ଟେଲିଗ୍ରାଫ କେବୁଲ ବିଛାଇଥିଲେ, ଯାହା ଆମେରିକା ଏବଂ ବ୍ରିଟେନକୁ ସଂଯୋଗ କରିଥିଲା। ଯଦିଓ ଏହି କେବୁଲ ଅଧିକ ସମୟ ପର୍ଯ୍ୟନ୍ତ ଚାଲିପାରିଲା ନାହିଁ, କିନ୍ତୁ ଏହା ଏକ ବଡ଼ ଆରମ୍ଭ ଥିଲା। ୧୮୬୬ ମସିହାରେ, ପ୍ରଥମ ସ୍ଥାୟୀ ସମୁଦ୍ର ତଳେ କେବୁଲ ସଫଳତାର ସହ ସ୍ଥାପନ କରାଯାଇଥିଲା। ଏହା ପରେ, ସାରା ବିଶ୍ୱରେ ସମୁଦ୍ର ତଳେ ଇଣ୍ଟରନେଟ କେବୁଲ ବିଛାଯିବା ଆରମ୍ଭ ହୋଇଥିଲା।

ଆଜି, ସମଗ୍ର ବିଶ୍ୱକୁ ସଂଯୋଗ କରୁଥିବା ୧୪ ଲକ୍ଷ କିଲୋମିଟର ଲମ୍ବା ସମୁଦ୍ର କେବୁଲ ଅଛି। ବିଶ୍ୱର ୯୯ ପ୍ରତିଶତ ଇଣ୍ଟରନେଟ ଏହି କେବୁଲରୁ ଆସେ। ଭାରତରେ ଅଧିକାଂଶ ଇଣ୍ଟରନେଟ ମଧ୍ୟ ଏହି ସମୁଦ୍ର କେବୁଲରୁ ଆସେ। ପ୍ରାୟ ୯୫ ପ୍ରତିଶତ ଅନ୍ତର୍ଜାତୀୟ ଡାଟା ଫାଇବର ଅପ୍ଟିକ କେବୁଲ ମାଧ୍ୟମରେ ଦେଶକୁ ଆସେ। ମୋଟ ୧୭ଟି ଅନ୍ତର୍ଜାତୀୟ କେବୁଲ ଭାରତକୁ ଆସେ, ଯାହା ଦେଶର ୧୪ଟି ସମୁଦ୍ର ଷ୍ଟେସନ ସହିତ ସଂଯୁକ୍ତ। ଏହି ଷ୍ଟେସନଗୁଡ଼ିକ ମୁଖ୍ୟତଃ ମୁମ୍ବାଇ, ଚେନ୍ନାଇ, କୋଚିନ, ଟୁଟିକୋରିନ, ତ୍ରିଭେନ୍ଦ୍ରମରେ ଅଛି। ଏହି ସ୍ଥାନଗୁଡ଼ିକରେ ସମୁଦ୍ର ତଳେ କେବୁଲ ଆସେ ଏବଂ ତା'ପରେ ସେଠାରୁ ଦେଶର ବିଭିନ୍ନ ଅଂଶକୁ ଇଣ୍ଟରନେଟ ବ୍ୟାପିଥାଏ।

ସମୁଦ୍ର ତଳେ ବିଛାଯାଇଥିବା ହଜାର ହଜାର କିଲୋମିଟର ଲମ୍ବା ଫାଇବର ଅପ୍ଟିକ କେବୁଲ ମାଧ୍ୟମରେ ଇଣ୍ଟରନେଟ ଆସେ। କିନ୍ତୁ ଏହି ସମୁଦ୍ର ତଳେ ଇଣ୍ଟରନେଟ କେବୁଲଗୁଡ଼ିକ କୌଣସି ସରକାରଙ୍କ ମାଲିକାନା ନୁହେଁ, ଅର୍ଥାତ, ଭାରତ ସରକାର କିମ୍ବା ଆମେରିକା ସରକାରଙ୍କ ଏଗୁଡ଼ିକ ଉପରେ ସିଧାସଳଖ ମାଲିକାନା ନାହିଁ, ବରଂ ସମୁଦ୍ର ତଳେ ଇଣ୍ଟରନେଟ କେବୁଲଗୁଡ଼ିକର ପ୍ରକୃତ ମାଲିକ ହେଉଛନ୍ତି ଘରୋଇ ଟେଲିକମ ଏବଂ ପ୍ରଯୁକ୍ତିବିଦ୍ୟା କମ୍ପାନୀ। ସମୁଦ୍ର ତଳେ କେବୁଲଗୁଡ଼ିକ ବିଛାଇବା, ସେଗୁଡ଼ିକର ରକ୍ଷଣାବେକ୍ଷଣ କରିବା ଏବଂ ବିଶ୍ୱର ପ୍ରତ୍ୟେକ କୋଣକୁ ଇଣ୍ଟରନେଟ ଡାଟା ପଠାଇବା ପାଇଁ ସେମାନଙ୍କ ପାଖରେ ଆବଶ୍ୟକୀୟ ଟଙ୍କା, ପ୍ରଯୁକ୍ତିବିଦ୍ୟା ଏବଂ ସମ୍ବଳ ଅଛି। ଭାରତରେ, ଏହି ସମୁଦ୍ର ତଳେ କେବୁଲଗୁଡ଼ିକ ବିଛାଇବା ଏବଂ ପରିଚାଳନା କରୁଥିବା କମ୍ପାନୀଗୁଡ଼ିକ ଦେଶର ଆନ୍ତର୍ଜାତୀୟ ଇଣ୍ଟରନେଟ ସଂଯୋଗର ଆଧାର। ଏହି କମ୍ପାନୀଗୁଡ଼ିକ ହେଉଛି ଟାଟା କମ୍ୟୁନିକେସନ୍ସ, ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ, ସିଫାଇ ଟେକ୍ନୋଲୋଜି ଏବଂ ବିଏସଏନଏଲ। ଭାରତ ପରି, ବିଶ୍ୱର ଅନ୍ୟ ଦେଶରେ ଅନେକ ବିଶ୍ୱସ୍ତରୀୟ କମ୍ପାନୀ ଅଛନ୍ତି ଯେଉଁମାନେ ସମୁଦ୍ର ତଳେ ଇଣ୍ଟରନେଟ କେବୁଲଗୁଡ଼ିକ ବିଛାଇ ଏବଂ ପରିଚାଳନା କରନ୍ତି।

### ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଘରୋଇକରଣ ପ୍ରସଙ୍ଗ

## ରାଜ୍ୟର ସମ୍ପଦ ଲୁଟ ହେଉଥିବା ବେଳେ ପାଟି ଖୋଲୁନି ରାଜ୍ୟ ସରକାର: ବିଜେଡି

**ଭୁବନେଶ୍ୱର :** ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଲିଜ୍ ଦେଇ ଘରୋଇକରଣ କରାଇବାକୁ ବିଜେପି ସରକାର ପ୍ରୟାସ କରିଛନ୍ତି । ଯାହାକୁ ନେଇ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ବିଜେପି ସରକାର ଉପରେ ବର୍ଷିଛନ୍ତି ।

ଡ. ସାମନ୍ତସିଂହାର କହିଛନ୍ତି ଯେ, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଘରୋଇ ସଂସ୍ଥା ହାତକୁ ଟେକି ଦେବାକୁ ବିଜେପି ସରକାର ଅନୁମୋଦନ କରିଛନ୍ତି । ଯାହାକି ଓଡିଆ ଅସ୍ମିତା ପ୍ରତି କୁଠାରଘାତ କରିବା ସଦୃଶ୍ୟ । ଏ ଖବର ଜାଣିବା ପରେ ସମଗ୍ର ରାଜ୍ୟବାସୀ ମର୍ମାହିତ ହୋଇଛନ୍ତି । ପ୍ରବାଦ ପୁରୁଷ ବିଜୁବାବୁଙ୍କ ନାମରେ ନାମିତ ଉକ୍ତ ବିମାନ ବନ୍ଦର ଦେଶର ପ୍ରମୁଖ ଓ ଲାଭଜନିତ ବିମାନ ବନ୍ଦର । ବର୍ଷକୁ ୨୦୦କୋଟିରୁ ଉର୍ଦ୍ଧ୍ୱ ଲାଭ ହେବା ସହ ୫୦ଲକ୍ଷ ଲୋକେ ଯାତାୟାତ କରିଥାନ୍ତି। ତେବେ ଏହାକୁ ଘରୋଇ କରଣ କରିବା କେତେ ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛନ୍ତି। ବିଜେପି ସରକାର ଇଂରେଜ ମାନଙ୍କ ଭଳି ଶାସନ କରି ରାଜ୍ୟର ସମ୍ପତ୍ତିକୁ ବିକ୍ରି କରିବାକୁ ଯୋଜନା କରୁଛନ୍ତି । ଏଥିରେ ଆହୁରି ନିବେଶ କରି ବିକାଶ କରିବା ବଦଳରେ ବିଜେପି ସରକାର ବିମାନବନ୍ଦରକୁ ପିପିପି ମୋଡରେ ଘରୋଇ ସଂସ୍ଥା ହାତକୁ ଟେକି ଦେଇଛନ୍ତି । ଡବଲ ଇଞ୍ଜିନ ସରକାର ଓଡ଼ିଶା ପାଇଁ କାଳ ସାଜିଛନ୍ତି । ରାଜ୍ୟର ସମସ୍ତ ସମ୍ପଦକୁ ଲୁଟିବା ପାଇଁ କେନ୍ଦ୍ର ବିଜେପି ସରକାର ଯୋଜନା କରୁଥିବା ବେଳେ ରାଜ୍ୟର ବିଜେପି ସରକାର ଏଜେଣ୍ଟ ସାଜି ତାହାକୁ ସମର୍ଥନ ଜଣାଉଛନ୍ତି ।

ଓଡ଼ିଶାର ଅନେକ କ୍ଷତି ହେଉଥିଲେ ସୁଦ୍ଧା କେନ୍ଦ୍ର ସରକାରଙ୍କ ସମ୍ମୁଖରେ ରାଜ୍ୟ ସରକାର ଚୁପ ରହୁଛନ୍ତି । ଏମଏମଡିଆର ଆକ୍ଟ

- ଓଡିଆ ଅସ୍ମିତା ପ୍ରତି କୁଠାରଘାତ କରିଛି ବିଜେପି
- ଲାଭଜନିତ ବିମାନ ବନ୍ଦରକୁ ଘରୋଇ କରଣ କରିବା କାରଣ କଣ ?
- ଓଡ଼ିଶା ପାଇଁ କାଳ ସାଜିଛି ଡବଲ ଇଞ୍ଜିନ ସରକାର



ଯୋଗେ ରାଜ୍ୟର ଖଣିକୁ ବିକ୍ରି କରିଛନ୍ତି । ବିଭିନ୍ନ ବନ୍ଦର ଗୁଡିକ ଘରୋଇ କମ୍ପାନୀ ମାନଙ୍କ ହାତକୁ ଟେକି ଦେଇଛନ୍ତି । ଜାତୀୟ ରାଜପଥ ଗୁଡ଼ିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ଯାତାୟାତ ବାଧାପ୍ରାପ୍ତ ହେଉଛି । ଏହାପରେ ବିଜେପି ସରକାରଙ୍କ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ଲୋଲୁପ ଦୃଷ୍ଟି ପଡ଼ିଛି । ବିମାନବନ୍ଦର ସହିତ ୫୦ବର୍ଷ ପାଇଁ ଘରୋଇ କରଣ କରିଛନ୍ତି । ଏନେଇ ବିଜେପି ସରକାରଙ୍କୁ କିଏ ଅଧିକାର ଦେଇଛି ବୋଲି ପ୍ରଶ୍ନ କରିଛନ୍ତି । ଓଡ଼ିଶାକୁ ଗରିବ ରାଜ୍ୟ କରିବା ପାଇଁ ବିଜେପି ସରକାର ଯୋଜନାବଦ୍ଧ ଭାବେ ଲାଗି ପଡିଛନ୍ତି । ଏନେଇ ରାଜ୍ୟର ମୁଖ୍ୟମନ୍ତ୍ରୀ, ୨୦ଜଣ ବିଜେପି ସାଂସଦ, ରାଜ୍ୟସଭା ସାଂସଦ ମାନେ ଜାଣି ସୁଦ୍ଧା ଚୁପ ବସିବାର କାରଣ କଣ ବୋଲି ପ୍ରଶ୍ନ କରିଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ଏହା ଏକ ପ୍ରମୁଖ ବିମାନ ବନ୍ଦର । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଏହାର ଉନ୍ନତି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ। ବିଜୁ ପଟ୍ଟନାୟକ ବିମାନ ବନ୍ଦର ୭୦୦୦ରୁ ୮୦୦୦ କୋଟି ଟଙ୍କାର ହେବ । ତେବେ ଏହାକୁ ୫୦ବର୍ଷ ପାଇଁ ଗୋଟାଏ ଘରୋଇ ସଂସ୍ଥାକୁ ମାଲିକାନା ପ୍ରଦାନ କରିବା କାହା ସ୍ୱାର୍ଥରେ ହେଉଛି। ଘରୋଇ କରଣ ହେବା ଦ୍ୱାରା ଜନତାଙ୍କ ନୁହେଁ ବିଜେପି ଦଳକୁ ଫାଇଦା ମିଳିବ। ରାଜ୍ୟର କ୍ଷତି ନେଇ କେନ୍ଦ୍ର ସରକାରଙ୍କ ନିର୍ଣ୍ଣୟ ଉପରେ ରାଜ୍ୟ ସରକାରଙ୍କ କୌଣସି ପ୍ରଶ୍ନ ପଚାରିବାର ସଖାହସ ନାହିଁ । ଓଡ଼ିଶା ବାସୀଙ୍କ ସ୍ୱାର୍ଥକୁ ଲୁଟ କରିବା ପାଇଁ ବିଜେପି ସରକାର ବସି ରହିଛନ୍ତି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଓଡିଆ ଅସ୍ମିତାର ପ୍ରତୀକ । ଏହାର ଉନ୍ନତି କରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ବଦଳରେ ଘରୋଇକରଣ କରାଯାଇଛି । ଉକ୍ତ ନିଷ୍ପତ୍ତିକୁ ବିଜେପି ସରକାର ଯଦି ରଦ୍ଦ ନକରନ୍ତି ତେବେ ବିଜେଡି ପକ୍ଷରୁ ଘୋର ବିରୋଧ କରି ଆନ୍ଦୋଳନ କରାଯିବ ବୋଲି ଡ. ସାମନ୍ତସିଂହାର କହିଛନ୍ତି ।

### ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହେଲା ଶ୍ରାବଣ ମାସ

## ୩୪ଲକ୍ଷରୁ ଅଧିକ ଭକ୍ତଙ୍କ ସୁରକ୍ଷିତ ଦର୍ଶନ:ଓଡ଼ିଶା ପୋଲିସ



**କଟକ :** ପବିତ୍ର ଶ୍ରାବଣ ମାସ ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠରେ ଭକ୍ତମାନଙ୍କ ସୁରକ୍ଷିତ ଦର୍ଶନ, ସୁଗମ ଯାତାୟାତ ଓ ଶୃଙ୍ଖଳିତ ଭିଡ଼ ପରିଚାଳନା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶ୍ରାବଣ ମାସର ଚାରିଟି ସୋମବାରରେ ୩୫ଟି ପୋଲିସ ଜିଲ୍ଲାର ୪୫୨ଟି ପ୍ରମୁଖ ଶୈବ ପୀଠରେ ୩୪ ଲକ୍ଷରୁ ଅଧିକ ଭକ୍ତ ସୁରକ୍ଷିତ ଭାବେ ଦର୍ଶନ କରିଛନ୍ତି। ଶ୍ରାବଣ ମାସକୁ ଦୃଷ୍ଟିରେ ରଖି ସୁରକ୍ଷା, ଭିଡ଼ ଓ ଯାତାୟାତ ପରିଚାଳନା ପାଇଁ ରାଜ୍ୟବ୍ୟାପୀ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ମେଳା ସମୟରେ କୌଣସି ଅଞ୍ଚଳରେ ବଡ଼ଧରଣର ଆଇନଶୃଙ୍ଖଳା ସମସ୍ୟା କିମ୍ବା ଦଳାଚକଟା ଭଳି ଅଘଟଣ ଘଟିନଥିଲା। ଚଳିତ ବର୍ଷ ଭକ୍ତ ସମାଗମକୁ ଆଧାର କରି ବିଭିନ୍ନ ଶୈବପୀଠରେ ଆବଶ୍ୟକତାନୁସାରେ ପୋଲିସ ଫୋର୍ସ ନିୟୋଜିତ କରାଯାଇଥିଲା। ବଲାଙ୍ଗୀର, ବାଲେଶ୍ୱର ଓ କୋରାପୁଟ ଜିଲ୍ଲାରେ ଥିବା ଶୈବ ପୀଠ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କେନ୍ଦ୍ରାଞ୍ଚଳ,କଟକ ଅଧୀନରେ ଲୋକନାଥ ଦେବ, ଯୋଡ଼ଲିଙ୍ଗ ଶିବ, ବାଲିକପିଳେଶ୍ୱର ଓ ଧବଳେଶ୍ୱର ଭଳି ପ୍ରମୁଖ ଶୈବପୀଠରେ ମଧ୍ୟ ବ୍ୟାପକ ପୋଲିସ ନିୟୋଜିତ କରାଯାଇଥିଲା। ସେହିପରି ରାଜ୍ୟର ରେଞ୍ଜରେ ଭକ୍ତଙ୍କ ସମାଗମ ଅନୁଯାୟୀ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ଶ୍ରାବଣ ସୋମବାର ପୂର୍ବରୁ କମିଶନରେଟ୍ ପୋଲିସ ଓ ଜିଲ୍ଲା ପୋଲିସ ପକ୍ଷରୁ ଆଗୁଆ ଯାତାୟତ ପରାମର୍ଶ ଜାରି କରାଯାଇଥିଲା। ରବିବାର ସନ୍ଧ୍ୟାରୁ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ସମ୍ଭାବ୍ୟ ଭିଡ଼କୁ ଆକଳନ କରି ସମ୍ବେଦନଶୀଳ ଅଞ୍ଚଳରେ ଆବଶ୍ୟକ ଯାତାୟାତ କଟକଣା ଲାଗୁ କରାଯାଇଥିଲା। ଗଡ଼ଗଡ଼ିଆ ଘାଟ ଓ ମଧୁସୂଦନ ସେତୁ ଭଳି ସ୍ଥାନରେ ଯାତାୟାତକୁ ସୁଚାରୁ ଭାବେ ନିୟନ୍ତ୍ରଣ କରାଯିବା ସହ ଜରୁରୀକାଳୀନ ଯାନବାହନର ଚଳାଚଳ ନିରବଚ୍ଛିନ୍ନ ରଖାଯାଇଥିଲା। ପ୍ରମୁଖ ମନ୍ଦିରଗୁଡ଼ିକରେ ଅତ୍ୟଧିକ ଭିଡ଼କୁ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଭିଡ଼ ନିୟନ୍ତ୍ରଣ ଦଳ, କୁଇକ୍ ରେସପନ୍ସ ଟିମ୍‌କୁ ସଜାଗ ରଖାଯାଇଥିଲା।

ମହିଳା, ବରିଷ୍ଠ ନାଗରିକ, ଶିଶୁ ଓ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ପ୍ରମୁଖ ଶୈବପୀଠଗୁଡ଼ିକରେ ସ୍ୱତନ୍ତ୍ର ସୁରକ୍ଷା ଓ ସହାୟତା ବ୍ୟବସ୍ଥା କରାଯାଇଥିଲା। ନଦୀ ଓ ଅନ୍ୟାନ୍ୟ ଜଳପଥ ନିକଟରେ ମଧ୍ୟ ସୁରକ୍ଷାକୁ ସୁଦୃଢ଼ କରାଯାଇଥିଲା। ମନ୍ଦିର ସେବାୟତ, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଶ୍ରାବଣ ମେଳା ପରିଚାଳନାରେ ନିର୍ଦ୍ଧାରିତ ପରିଚାଳନା ନୀତିକୁ ଅନୁସରଣ କରାଯିବା ସହ ବିଭିନ୍ନ ପର୍ଯ୍ୟାୟରେ ଏକାଧିକ ସମନ୍ୱୟ ବୈଠକ ଆୟୋଜନ କରାଯାଇଥିଲା। ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ନିରନ୍ତର ଯୋଗାଯୋଗ, ସୂଚନା ଆଦାନପ୍ରଦାନ ଯୋଗୁଁ ସମଗ୍ର ମେଳା ପରିଚାଳନା ସୁଚାରୁ ଭାବେ ସମ୍ପନ୍ନ ହୋଇପାରିଥିଲା। ସୁଚିନ୍ତିତ ଯୋଜନା, ବିଭିନ୍ନ ରେଞ୍ଜ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ଭକ୍ତମାନଙ୍କ ସହଯୋଗ ଯୋଗୁଁ ଶ୍ରାବଣ ମାସ ଶୃଙ୍ଖଳିତ ଭାବେ ସମାପ୍ତ ହୋଇଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ର ମତବ୍ୟକ୍ତ କରିଛନ୍ତି । ଏହି ଅଭିଯାନରେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିବା ସମସ୍ତ ରେଞ୍ଜର ଅଧିକାରୀ, ପୋଲିସ ଜିଲ୍ଲାର ଏସ୍‌ପି ଏବଂ ସେମାନଙ୍କ ସମଗ୍ର ଟିମ୍‌କୁ ସାଧୁବାଦ ଜଣାଇଛନ୍ତି।



## ସ୍ୱିଗି ବୟ ହେଲେ ଡେପୁଟୀ କଲେକ୍ଟର

ରାଞ୍ଚି : କିଛିଦିନ ପୂର୍ବରୁ ଝାଡ଼ଖଣ୍ଡରେ ଔଚଝଉର ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇଥିଲା। ଏଥିରେ ଝାଡ଼ଖଣ୍ଡର ୩୪୨ ଜଣ ଛାତ୍ର ସଫଳତା ପାଇ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଥିଲେ। ଏହି ୩୪୨ ଜଣ ଛାତ୍ରଙ୍କ ମଧ୍ୟରେ ଅନେକ ଛାତ୍ରଙ୍କ କାହାଣୀ ଏପରି ଯାହା ଅନ୍ୟମାନଙ୍କୁ ବହୁତ ପ୍ରେରଣା ଦେବ।

ଝାଡ଼ଖଣ୍ଡର ଗିରିଡିହର ବାସିନ୍ଦା ସୁରଜ ଯାଦବ ଔଚଝଉରେ ସଫଳତା ପାଇବା ପରେ ୧୧୦ତମ ରାଙ୍କ ପାଇ ଡେପୁଟି କଲେକ୍ଟର ହୋଇଛନ୍ତି। ଆର୍ଥିକ ଅସୁବିଧା ଦୂର କରିବା ପାଇଁ ସୁରଜ ଯାଦବ ପାଠପଢ଼ା ସହିତ ସ୍ୱିଗି ଭଳି କମ୍ପାନୀରେ କାମ କରୁଥିଲେ। ଏହି ସଫଳତା ହାସଲ କରି ସୁରଜ ହଜାର ହଜାର ଯୁବକଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ସୁରଜ ଗିରିଡିହର ଏକ ଛୋଟ ଗାଁ କପିଲୋର ବାସିନ୍ଦା। ସୁରଜଙ୍କ ବାପା ଜଣେ ରାଜମିସ୍ତ୍ରୀ। ଆର୍ଥିକ ଅବସ୍ଥା ତାଙ୍କର ବହୁତ ଖରାପ ଥିଲା । ସୂରଜ ବହୁ ବର୍ଷ ଧରି ରାଞ୍ଚିରେ ରହି JPSC ପାଇଁ ପ୍ରସ୍ତୁତି କରୁଥିଲେ। ଆର୍ଥିକ ସ୍ଥିତି ଖରାପ ଥିବାରୁ ପାଠପଢ଼ାରେ କୌଣସି ବାଧା ଥିଲା, ତେଣୁ ସୂରଜ ରାଞ୍ଚିରେ ସ୍ୱିଗି ଏବଂ ରାପିଡୋ ଭଳି କମ୍ପାନୀରେ କାମ କରିବା ଆରମ୍ଭ କରିଥିଲେ। ଯାହା ଦ୍ୱାରା ସେ ପାଠପଢ଼ା ଖର୍ଚ୍ଚ ପୂରଣ କରିପାରିବେ। ଟଙ୍କାର ଅଭାବ ପୂରଣ କରିବା ପାଇଁ, ସୁରଜ ଦିନକୁ ୫ ଘଣ୍ଟା ସ୍ୱିଗି କମ୍ପାନୀରେ କାମ କରୁଥିଲେ। ସୁରଜ କୁହନ୍ତି, ସଫଳତା ପଛରେ ସବୁବେଳେ କେହି ନା କେହି ଥାଆନ୍ତି। ମୋର ଏହି ସଫଳତା ପଛରେ କେବଳ କଠିନ ପରିଶ୍ରମ ନୁହେଁ ବରଂ ସ୍ତ୍ରୀ ଏବଂ ଭଉଣୀଙ୍କ ସମର୍ଥନ ଏବଂ ବନ୍ଧୁଙ୍କ ସମର୍ଥନ ମଧ୍ୟ ରହିଛି। ଯାହା ଯୋଗୁ ମୁଁ JPSCରେ ସଫଳତା ହାସଲ କରିଛି। ମୁଁ ସ୍ୱିଗିରେ କାମ କରିବା ପାଇଁ ଏକ ପୁରୁଣା ବାଇକ କିଣିଥିଲି। ଏହା ପରେ ହିଁ ମୁଁ ଡେଲିଭରି କାମ ଆରମ୍ଭ କରିପାରିଥିଲି। ସୂରଜ ଦ୍ୱିତୀୟ ପ୍ରୟାସରେ JPSC ପାସ କରିଥିଲେ, କିନ୍ତୁ ତାଙ୍କର କଠିନ ପରିଶ୍ରମ ତାଙ୍କୁ କରିଛି ସଫଳ। ଏହି ସଫଳତା ହାସଲ କରି ସୁରଜ ଯୁବପିଢିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।



### ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର କାର୍ଯ୍ୟ ଅଗ୍ରଗତି ସମୀକ୍ଷା

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ

**ଭୁବନେଶ୍ୱର:** ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଗୁରୁତ୍ୱପୂର୍ଣ୍ଣ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାରକାର୍ଯ୍ୟକାରିତା ସଂପର୍କିତ ରାଜ୍ୟସ୍ତରୀୟ ପରିଚାଳନା କମିଟିର ପ୍ରଥମ ବୈଠକ ଆଜି ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟରେ ଗୁଣାତ୍ମକ ଓ ସମାବେଶୀ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ନିର୍ମାଣର ଅଗ୍ରଗତି, ଯୋଜନାର କାର୍ଯ୍ୟାନ୍ୱୟନ ଓ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବୈଠକ ପ୍ରାରମ୍ଭରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ, ରାଜ୍ୟସ୍ତରୀୟ ପରିଚାଳନା କମିଟିର ଭୂମିକା, ଦାୟିତ୍ୱ, ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ନିରୀକ୍ଷଣ ଓ ତଦାରଖ ପାଇଁ ଗଠିତ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସେଲ୍‌ର କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥାପନା କରିଥିଲେ । ବୈଠକରେ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ଆନ୍ତଃବିଭାଗୀୟ ସମନ୍ୱୟ, ନିୟମିତ ଅଗ୍ରଗତି ସମୀକ୍ଷା ଏବଂ ଆବଶ୍ୟକତା ଅନୁଯାୟୀ ନୀତିଗତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାମାନଙ୍କ ଦ୍ୱାରା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ନିର୍ମାଣ କାର୍ଯ୍ୟରେ କେତେ ଅଗ୍ରଗତି ହୋଇଛି, ସେ ସଂପର୍କରେ ସମୀକ୍ଷା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୧୮ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି, ସମୁଦାୟ ୩୨୨ଟି ବିଦ୍ୟାଳୟ ନିର୍ମାଣ ଏହି ଯୋଜନାରେ ସାମିଲ ହୋଇଛି। ବୈଠକରେ ମୁଖ୍ୟ ସଚିବ ବିଭିନ୍ନ ନିର୍ମାଣକାରୀ ସଂସ୍ଥାମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଯୋଜନା କାର୍ଯ୍ୟକାରିତାକୁ ଅଧିକ ସଫଳ କରିବା ପାଇଁ ବିଦ୍ୟାଳୟ ଚୟନ ଓ ଭିତ୍ତିଭୂମି ସମ୍ବନ୍ଧୀୟ କେତେକ ଗାଇଡଲାଇନରେ ସଂଶୋଧନ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। କେତେକ ସ୍ଥାନରେ ଜମିର ଆକାର, ଓସାର ଓ ଭୂମିର ଆକୃତି ଅନୁଯାୟୀ ପୂର୍ବରୁ ଅନୁମୋଦିତ ବର୍ଗାକାର ବିଲ୍ଡିଂ ପ୍ଲାନ୍ କାର୍ଯ୍ୟକାରୀ କରିବା ସମ୍ଭବ ହେଉନଥିବାରୁ ଆୟତାକାର ପ୍ଲାନ୍ ଅନୁମୋଦନ ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଛି। ଯୋଜନାର କାର୍ଯ୍ୟାନ୍ୱୟନ, ନିରୀକ୍ଷଣ ଓ ଗୁଣାତ୍ମକ ତଦାରଖକୁ ଅଧିକ ସୁଦୃଢ଼ କରିବା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟସେଲ୍‌ରେ ଟେକ୍ନିକାଲ୍ ଓ ଏକାଡେମିକ୍ ଏବଂ ପ୍ରଶାସନିକତଥା ଅର୍ଥ ଏବଂ ମାନବ ସମ୍ବଳ ନିୟୋଜନ ଉପରେ ଆଲୋଚନା ହୋଇଛି।



ଆବଶ୍ୟକତା ଅନୁଯାୟୀ ପ୍ରସ୍ତାବିତ ବିଦ୍ୟାଳୟର ନିକଟସ୍ଥ ସରକାରୀ/ବେସରକାରୀ ଜମି ଅଧିଗ୍ରହଣ କରିବା ଏବଂ କେବଳ ପଞ୍ଚାୟତ ମୁଖ୍ୟାଳୟରେ ଏହି ବିଦ୍ୟାଳୟ ସ୍ଥାପନ ସୀମିତ ନରଖି, ସେଠାରେ ଜମି ଉପଲବ୍ଧ ନଥିଲେ ପଞ୍ଚାୟତର ସର୍ବାଧିକ ଜନବସତି ଥିବା ସ୍ଥାନରେ ବିଦ୍ୟାଳୟ ସ୍ଥାପନ ପାଇଁ ଗାଇଡଲାଇନ ସଂଶୋଧନ ପ୍ରସ୍ତାବ ଦିଆଯାଇଛି ।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ମାର୍ଗଦର୍ଶିକାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସେପ୍ଟେମ୍ବର୨୦୨୫ରେ ଅନୁମୋଦନ କରିଥିଲେ। ଏହାର ସୁଚାରୁ କାର୍ଯ୍ୟାନ୍ୱୟନ ଓ ତଦାରଖ ପାଇଁ ମାର୍ଚ୍ଚ୨୦୨୬ରେ ରାଜ୍ୟସ୍ତରୀୟ ପରିଚାଳନା କମିଟି ଗଠିତ ହୋଇଥିଲା। ଏହି କମିଟି ଯୋଜନାର ନୀତିଗତ ମାର୍ଗଦର୍ଶନ, ରଣନୈତିକ ଦିଗ୍‌ନିର୍ଦ୍ଦେଶ ଓ ତଦାରଖ ପ୍ରଦାନ କରିବା ସହ କାର୍ଯ୍ୟାନ୍ୱୟନର ଅଗ୍ରଗତି ନିୟମିତ ସମୀକ୍ଷା କରିବ। କ୍ଷେତ୍ରସ୍ତରୀୟ ମତାମତ ଆଧାରରେ ବିଦ୍ୟାଳୟ ଚୟନ, ଭିତ୍ତିଭୂମି ଓ କାର୍ଯ୍ୟାନ୍ୱୟନ ମାନଦଣ୍ଡର ଆବଶ୍ୟକ ଅଦ୍ୟତନ, ବିଭାଗୀୟ ସମନ୍ୱୟ, କାର୍ଯ୍ୟନିର୍ବାହୀ ସଂସ୍ଥା ଚୟନ ଏବଂ ସମ୍ବଳର ସୂଚାରୁ ବଣ୍ଟନ ସୁନିଶ୍ଚିତ କରିବ। ଏଥିସହିତ, ଯୋଜନାର ଉଦ୍ଦେଶ୍ୟ ହାସଲ, ଗୁଣାତ୍ମକ ଓ ସମାବେଶୀ ଶିକ୍ଷା ଏବଂ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପାଇଁ ଦେଖାଦେଉଥିବା ସମସ୍ୟାର ସମାଧାନ କରି ଫଳପ୍ରଦ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତକରିବ। ଯୋଜନାର କାର୍ଯ୍ୟକାରିତାରେ ରହୁଥିବା ସମସ୍ୟା ଓ ଆହ୍ୱାନଗୁଡ଼ିକର ସମାଧାନ କରି ଯୋଜନାରେ ସୁଗମ, ଉତ୍ତରଦାୟୀ ଏବଂ ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ ରଣନୈତିକ ଦିଗ ନିର୍ଦ୍ଦେଶ ପ୍ରଦାନ କରିବା କମିଟିର ମୂଳ ଭୂମିକା ରହିଛି । ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଓ ଶିଶୁ-ଅନୁକୂଳ ଶିକ୍ଷା ପରିବେଶ ସୃଷ୍ଟି ଲକ୍ଷ୍ୟରେ ଶ୍ରେଣୀକକ୍ଷ, ଶିଶୁ ବାଟିକା, ପ୍ରବେଶ ଲବି, ପ୍ରଧାନଶିକ୍ଷକଙ୍କ କକ୍ଷ, ଷ୍ଟାଫ୍ ରୁମ୍, ଷ୍ଟୋର୍ ରୁମ୍, ଅଫିସ୍ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ରହିବ। ସ୍ଥାନର ପରିସ୍ଥିତି ଅନୁଯାୟୀ ନକ୍ସାରେ ଆବଶ୍ୟକ ପରିବର୍ତ୍ତନ କରି ଭିତ୍ତିଭୂମିର ଗୁଣବତ୍ତା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯିବ।

ବୈଠକରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଉନ୍ନତ ବିଦ୍ୟାଳୟ ଭିତ୍ତିଭୂମି ସହିତ ଗୁଣାତ୍ମକ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା ।ନିର୍ମାଣ କାର୍ଯ୍ୟ ପରେ ଆବଶ୍ୟକ ସଂଖ୍ୟକ ଓ ଉତ୍ତମ ଶିକ୍ଷକଙ୍କ ଉପଲବ୍ଧତା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକତା ରହିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।

# ସୃଜନଶୀଳତାରେ ନିଜସ୍ୱ ପରିଚୟ ଗଢୁଛନ୍ତି ଶୁଭଶ୍ରୀ ମିଶ୍ର





**ଭୁବନେଶ୍ୱର:** ଉତ୍ସାହ, ସୃଜନଶୀଳତା ଓ ନିରନ୍ତର ପରିଶ୍ରମକୁ ସାଥୀ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ି ଚାଲିଛନ୍ତି ଶୁଭଶ୍ରୀ ମିଶ୍ର। ପେଶାରେ ସେ ଜଣେ ସଫ୍ଟୱେର୍ ଡେଭେଲପର୍ ହୋଇଥିଲେ ମଧ୍ୟ କଳା, ସଙ୍ଗୀତ, ଫ୍ୟାଶନ୍, ନୃତ୍ୟ ଓ ଡିଜିଟାଲ୍ ସୃଜନଶୀଳତା ପ୍ରତି ତାଙ୍କର ଗଭୀର ଆଗ୍ରହ ତାଙ୍କୁ ଜଣେ ବହୁମୁଖୀ ପ୍ରତିଭା ଭାବେ ପରିଚିତ କରିଛି।

ଶୁଭଶ୍ରୀ ଜଣେ ଯୁବ ପ୍ରଯୋଜକ, କଳାକାର, ରାଜ୍ୟସ୍ତରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ପେଶାଦାର ମଡେଲ୍ ଭାବେ ମଧ୍ୟ ନିଜର ଦକ୍ଷତାର ପରିଚୟ ଦେଇଛନ୍ତି। ସେ Earthy Huesର ମଡେଲ୍ ଭାବେ ନିଜର ମଡେଲିଂ କ୍ୟାରିୟର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସଙ୍ଗୀତ, ମନୋରଞ୍ଜନ ଓ ଡିଜିଟାଲ୍ ମିଡିଆ କ୍ଷେତ୍ରରେ ନୂଆ କିଛି କରିବାର ଇଚ୍ଛା ତାଙ୍କୁ ନିଜସ୍ୱ ଶକ୍ତଙ୍କଞ୍ଜଙ୍କଭର ଚ୍ୟାନେଲ୍ "Shreeradha Motion Media" ଆରମ୍ଭ କରିବାକୁ ପ୍ରେରଣା ଦେଇଥିଲା।

ଏହି ଚ୍ୟାନେଲ୍ ମାଧ୍ୟମରେ ଶୁଭଶ୍ରୀ ନିଜର ସୃଜନଶୀଳ ପ୍ରୟାସକୁ ଦର୍ଶକଙ୍କ ନିକଟରେ ପହଞ୍ଚାଇବା ସହିତ ଏକ ବିଶାଳ ଦର୍ଶକବର୍ଗ ସହ ଯୋଡ଼ି ହୋଇପାରିଛନ୍ତି। ଚ୍ୟାନେଲର ପ୍ରଥମ ଗୀତ "Ektara" ଥିବାବେଳେ ପରବର୍ତ୍ତୀ ଗୀତ "Maar Panatkani" ଦର୍ଶକଙ୍କ ଠାରୁ ଭଲପାଇବା ଓ ପ୍ରଶଂସା ପାଇଥିଲା। ଏହି ସଫଳତା ତାଙ୍କୁ ଆହୁରି ନୂଆ ଓ ସୃଜନଶୀଳ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିଛି।

ବର୍ତ୍ତମାନ ପ୍ରକୃତିକୁ ସମର୍ପିତ ସମ୍ବଲପୁରୀ ଭାଷାର ଗୀତ "Chahala Badal" ମାଧ୍ୟମରେ ସେ ନିଜର ସୃଜନଶୀଳ ଯାତ୍ରାକୁ ଆହୁରି ଆଗକୁ ନେଇଛନ୍ତି। ଓଡ଼ିଆ ଓ ସମ୍ବଲପୁରୀ ସଂସ୍କୃତି, କଳା ଓ ସଙ୍ଗୀତକୁ ନୂଆ ଢଙ୍ଗରେ ଦର୍ଶକଙ୍କ ନିକଟରେ ଉପସ୍ଥାପନ କରିବା ତାଙ୍କର ପ୍ରୟାସର ଏକ ବିଶେଷ ଦିଗ।

ବିଭିନ୍ନ ପ୍ରତିଷ୍ଠିତ ମଞ୍ଚରେ ପରିବେଷଣ ଏବଂ ବିଭିନ୍ନ ସୃଜନଶୀଳ ପ୍ରକଳ୍ପରେ ସମ୍ପୃକ୍ତ ରହି ଶୁଭଶ୍ରୀ ମନୋରଞ୍ଜନ ଓ ସୃଜନଶୀଳ କ୍ଷେତ୍ରରେ ନିଜର ଅଲଗା ସ୍ଥାନ ସୃଷ୍ଟି କରିଛନ୍ତି। ତାଙ୍କ ଯାତ୍ରାର ମୂଳମନ୍ତ୍ର ହେଉଛି ନିରନ୍ତର ଶିଖିବା, ନିଜକୁ ପରିବର୍ତ୍ତନ କରିବା ଓ ନୂଆ ସମ୍ଭାବନାକୁ ଗ୍ରହଣ କରିବା।

ପେଶାଗତ ସଫଳତା ସହିତ ଶୁଭଶ୍ରୀ ସରଳତା, ନିଜସ୍ୱତା ଓ ପ୍ରାମାଣିକତାକୁ ବିଶେଷ ଗୁରୁତ୍ୱ ଦିଅନ୍ତି। ତାଙ୍କ ମତରେ ସଫଳତା କେବଳ ନାମ, ପରିଚୟ କିମ୍ବା ପ୍ରଶଂସା ହାସଲ କରିବାରେ ସୀମିତ ନୁହେଁ; ବରଂ ନିଜ ସ୍ୱପ୍ନକୁ ଅନୁସରଣ କରି ଅନ୍ୟମାନଙ୍କୁ ମଧ୍ୟ ନିଜ ରାସ୍ତା ନିଜେ ତିଆରି କରିବାକୁ ପ୍ରେରଣା ଦେବା ହିଁ ପ୍ରକୃତ ସଫଳତା। ଆଗାମୀ ଦିନରେ ଅନେକ ନୂଆ ପ୍ରକଳ୍ପ ଓ ଆଶା ସହ ଶୁଭଶ୍ରୀ ନିଜର ସୃଜନଶୀଳ ଯାତ୍ରାକୁ ଆହୁରି ଉଚ୍ଚସ୍ତରକୁ ନେବା ପାଇଁ ଆଗେଇ ଚାଲିଛନ୍ତି। ତାଙ୍କ ଏହି ଯାତ୍ରା ଯୁବପିଢ଼ି ପାଇଁ ମଧ୍ୟ ଏକ ପ୍ରେରଣାର ବାର୍ତ୍ତା ବହନ କରୁଛି—ଉତ୍ସାହ ସହିତ ପରିଶ୍ରମ, ନିରନ୍ତରତା ଓ ଆଗକୁ ବଢ଼ିବାର ସାହସ ଯୋଡ଼ି ହେଲେ ସ୍ୱପ୍ନଗୁଡ଼ିକ ନିଶ୍ଚିତ ଭାବେ ସାର୍ଥକ ହୋଇଥାଏ।

*ପେଶାଗତ ସଫଳତା ସହିତ ଶୁଭଶ୍ରୀ ସରଳତା, ନିଜସ୍ୱତା ଓ ପ୍ରାମାଣିକତାକୁ ବିଶେଷ ଗୁରୁତ୍ୱ ଦିଅନ୍ତି। ତାଙ୍କ ମତରେ ସଫଳତା କେବଳ ନାମ, ପରିଚୟ କିମ୍ବା ପ୍ରଶଂସା ହାସଲ କରିବାରେ ସୀମିତ ନୁହେଁ; ବରଂ ନିଜ ସ୍ୱପ୍ନକୁ ଅନୁସରଣ କରି ଅନ୍ୟମାନଙ୍କୁ ମଧ୍ୟ ନିଜ ରାସ୍ତା ନିଜେ ତିଆରି କରିବାକୁ ପ୍ରେରଣା ଦେବା ହିଁ ପ୍ରକୃତ ସଫଳତା।*

# ରୁକୁ ସୋନାଙ୍କ କଣ୍ଠରେ ସଙ୍ଗୀତର ଯାଦୁ

## ଗାଁ ମଞ୍ଚରୁ ୧୦ହଜାରରୁ ଉର୍ଦ୍ଧ୍ୱ ଗୀତ ପର୍ଯ୍ୟନ୍ତ ସଫଳତାର ଯାତ୍ରା




ସଙ୍ଗୀତ ପ୍ରତି ଅସୀମ ଭଲପାଇବା, ଅଦମ୍ୟ ଅଧ୍ୟବସାୟ ଓ ସୁମଧୁର କଣ୍ଠସ୍ୱର ଦ୍ୱାରା ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି ଗାୟକ ରୁକୁ ସୋନା। ଛୋଟବେଳୁ ସଙ୍ଗୀତ ପ୍ରତି ତାଙ୍କର ଥିଲା ଗଭୀର ଆକର୍ଷଣ। ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ନିଜ ଗାଁ ବେଲପଡ଼ାର ଆଜାଦ ହିନ୍ଦ ଫୌଜ କ୍ଲବରେ ଆୟୋଜିତ ଏକ ସଙ୍ଗୀତ କାର୍ଯ୍ୟକ୍ରମରେ ରୁକୁ ନିଜ କଣ୍ଠର ଯାଦୁରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ସଫଳତା ତାଙ୍କ ଗାୟିକୀ ପ୍ରତିଭାକୁ ସମାଜ ସମ୍ମୁଖରେ ଆଣିବାର ପ୍ରଥମ ପାହାଚ ହୋଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ବିଚାରକ ଭାବେ ଉପସ୍ଥିତ ଥିବା ଶ୍ରୀ ପଞ୍ଚାନନ ପଣ୍ଡା ରୁକୁଙ୍କ ପ୍ରତିଭାରେ ବେଶ୍ ଆକର୍ଷିତ ହୋଇଥିଲେ। ସେହି ଦିନଠାରୁ ପଞ୍ଚାନନ ପଣ୍ଡା ତାଙ୍କର ପ୍ରଥମ ସଙ୍ଗୀତ ଗୁରୁ ହୋଇଥିଲେ। ସଙ୍ଗୀତ ଶିଖିବା ପାଇଁ ରୁକୁ ଘରଠାରୁ ପ୍ରାୟ ୫ କିଲୋମିଟର ଦୂରରେ ଥିବା ଗୁରୁଙ୍କ ଘରକୁ ରାତି ଅଧରେ ମଧ୍ୟ ସାଇକେଲ ଚଳାଇ ଯାଉଥିଲେ। ସଙ୍ଗୀତ ପ୍ରତି ତାଙ୍କର ଏହି ନିଷ୍ଠା ଓ ସାଧନା ହିଁ ପରବର୍ତ୍ତୀ ସମୟରେ ତାଙ୍କୁ ସଫଳତାର ଶିଖର ଆଡ଼କୁ ନେଇଥିଲା।

୨୦୦୦ ମସିହାରେ "ଝଲକି ଗଲି" ଗୀତରୁ ରୁକୁ ନିଜର ସଙ୍ଗୀତ ଯାତ୍ରା ଆରମ୍ଭ କରିଥିଲେ। ଏହା ସହିତ ସେ ପ୍ରଥମ ସମ୍ବଲପୁରୀ ମ୍ୟୁଜିକ୍ ଭିଡିଓ "ରଙ୍ଗୋଲି"ରେ ମଧ୍ୟ କଣ୍ଠଦାନ କରିଥିଲେ। "ଚୁମା ଦେରେ ଧନ" ଭଳି ଗୀତଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ସେ ୧୦ ହଜାରରୁ ଉର୍ଦ୍ଧ୍ୱ ଛତିଶଗଡ଼ୀ, ସମ୍ବଲପୁରୀ ଓ ଓଡ଼ିଆ ଗୀତ ଗାଇଥିବା ଜଣାପଡ଼ିଛି। ରୁକୁଙ୍କ ପ୍ରଥମ ଓଡ଼ିଆ ଗୀତ ମଳୟ ମିଶ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ "ଲଚକମଣି ଜୁରା-ବେଣି ଆଲୋ ମୋ ରିବନ-ଫିତା" ତାଙ୍କୁ ଓଡ଼ିଶାରେ ଏକ ନୂଆ ପରିଚୟ ଦେଇଥିଲା। ପରେ ସିନେମା ଜଗତରେ ମଧ୍ୟ ସେ ନିଜର ସୁମଧୁର ସ୍ୱରର ଛାପ ଛାଡ଼ିଛନ୍ତି। "ବେସାହାରା" ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ "ଟିକେ ହାଲକେଇକି ଦୋଷ ରହୁଚି" ଗୀତରେ ସେ କଣ୍ଠଦାନ କରିଛନ୍ତି। ଏବେ ପୂଜା ବଜାରକୁ ଆସିବାକୁ ଥିବା ତାଙ୍କର ଅନେକ ଗୀତକୁ ନେଇ ଶ୍ରୋତାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। "ଛମକ ଛାଲୋ", "ହଳଦୀ ମାଖି ହାଲୋ ହାଲୋ", "ରବା ଓ ରବା" ଓ "ରସିଆ ପିଲା" ଭଳି ୨୦ରୁ ୨୫ଟି ଧମାକାଦାର ଗୀତ ଶ୍ରୋତାଙ୍କୁ ମନୋରଞ୍ଜନର ନୂଆ ଅନୁଭୂତି ଦେବ ବୋଲି ଆଶା କରାଯାଉଛି। ଗାଁର ଏକ ଛୋଟ ସଙ୍ଗୀତ ମଞ୍ଚରୁ ଆରମ୍ଭ ହୋଇଥିବା ରୁକୁ ସୋନାଙ୍କ ଏହି ସଙ୍ଗୀତ ଯାତ୍ରା ଆଜି ଏକ ବଡ଼ ପରିସରରେ ପହଞ୍ଚିଛି। ନିଷ୍ଠା, ସାଧନା ଓ ପ୍ରତିଭାକୁ ସାଥୀ କରି ସେ ଆଗାମୀ ଦିନରେ ସଙ୍ଗୀତ ଜଗତରେ ଆହୁରି ସଫଳତା ହାସଲ କରନ୍ତୁ—ଏହା ହିଁ ତାଙ୍କ ଅସଂଖ୍ୟ ଶ୍ରୋତାଙ୍କ ଆଶା।

# ବାଉଁଶବାଡ଼ିରୁ ବିଶ୍ୱକପ୍ : ସୁନେଲିତା





**ସୁନ୍ଦରଗଡ଼ :** ନେଦରଲାଣ୍ଡସ୍‌ର ଆମ୍‌ଷ୍ଟେଲ୍‌ଭିନ୍‌ସ୍ଥ ୱେଗେନର ଷ୍ଟାଡିୟମରେ ଖେଳା ଯାଉଥିବା ହକି ବିଶ୍ୱକପ୍‌ରେ ଭାରତୀୟ ଦଳରେ ଏକ ମାତ୍ର ଓଡ଼ିଆ ଝିଅ ଭାବେ ଚମକୁଛନ୍ତି ସୁନ୍ଦରଗଡ଼ର ସୁନେଲିତା ଟପ୍ପୋ। ଗତ ୧୮ ତାରିଖରେ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ପ୍ରଥମ କ୍ୱାର୍ଟରର ୧୧ ମିନିଟରେ ଗୋଲ୍ ଦେଇ ଭାରତକୁ ଆଗକୁ ନେଇ ବଡ଼ ବିଜୟ ଦେଇଥିବା ୧୯ ବର୍ଷିୟା ସୁନେଲିତାଙ୍କ ଦ୍ରୁତ ଗତି ଓ ନିର୍ଭୀକ ଆକ୍ରମଣାତ୍ମକ ଶୈଳୀକୁ ଦେଖିଲେ, ସେ ଯେ ଦିନେ ଗାଁର ଧୂଳିଧୂସର ପଡ଼ିଆରେ ବାଉଁଶବାଡ଼ିରେ ଖାଲିପାଦରେ ହକିର ଅ'ଆ ଶିଖିଥିଲେ ବିଶ୍ୱାସ ହୁଏ ନାହିଁ। ଯିଏ ମାତ୍ର ୧୭ ବର୍ଷ ବୟସରେ ଜାତୀୟ ଦଳରେ ସାମିଲ ହୋଇ ଦେଶ ପାଇଁ ଖେଳୁଛନ୍ତି। ହକିଗଡ଼ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କୁକୁଡ଼ା ଗ୍ରାମରେ ସୁରେଶ ଟପ୍ପୋ ଓ ନେଲିସୁନିତା ଟପ୍ପୋଙ୍କ କୋଳକୁ ୨୦୦୭ ଅପ୍ରେଲ ୧୧ରେ ଆସିଥିବା ସୁନେଲିତାଙ୍କ ପିଲାଦିନ ହକି ପରିବେଶରେ କଟିଥିଲା। ଦିନେ ଗାଁ କିସାନମେଳାରେ ଆୟୋଜିତ ହକି ପ୍ରତିଯୋଗିତା ଦେଖାଇବାକୁ ମା' ନେଲିସୁନିତା ତାଙ୍କୁ ସାଥିରେ ନେଇଥିଲେ। ଝିଅମାନେ ହକି ଖେଳୁଥିବା ଦେଖିବା ପରେ ସିଏ ବି ଖେଳିବାର ଇଚ୍ଛା ପ୍ରକାଶ କଲେ। କିନ୍ତୁ ଚାଷ କାର୍ଯ୍ୟ ପରିବାର ଚଳାଉଥିବା ବାପା ସୁରେଶ ହକିଷ୍ଟିକ୍ କିଣିଦେବାକୁ ସକ୍ଷମ ନଥିବାରୁ ଝିଅ ହାତରେ ଧରାଇ ଦେଇଥିଲେ ବାଉଁଶବାଡ଼ି। ଜୋତା ନଥିବାରୁ ଖାଲିପାଦରେ ସୁନେଲିତା ଗାଁ ପଡ଼ିଆରେ ହକି ଶିଖିଲେ। କିନ୍ତୁ ଗାଁ ପଡ଼ିଆରୁ ବିଶ୍ୱକପ୍ ଯାତ୍ରା ଏତେ ସହଜ ନଥିଲା।

ଗାଁର ହକିଗୁରୁ ଡୋମିନିକ୍ ଟପ୍ପୋ ସୁନେଲିତାଙ୍କୁ ହକିର ମୌଳିକ ବିଷୟଗୁଡ଼ିକ ଶିଖାଇଥିଲେ। ସେଇଠୁ ସେ ରାଉରକେଲାସ୍ଥ ପାନପୋଷ ହକି ଛାତ୍ରାବାସରେ ଭର୍ତ୍ତି ହେବାକୁ ଚେଷ୍ଟା କରିଥିଲେ। କିନ୍ତୁ କମ୍ ଉଚ୍ଚତା ଯୋଗୁଁ ଏହି ସୁଯୋଗରୁ ବଞ୍ଚିତ ହୋଇଥିଲେ। ସେ ହତାଶ ହୋଇଥିଲେ, କିନ୍ତୁ ହକି ପ୍ରତି ତାଙ୍କ ଆଗ୍ରହ କମି ନଥିଲା। ଯେଉଁଥିପାଇଁ ସୁନ୍ଦରଗଡ଼ ସେଣ୍ଟମେରି ବାଳିକା ଉଚ୍ଚବିଦ୍ୟାଳୟରେ ନବମ ପଢୁଥିବାବେଳେ ତାଙ୍କୁ ୨୦୧୮ରେ ସୁନ୍ଦରଗଡ଼ର ଭାରତୀୟ କ୍ରୀଡ଼ା ପ୍ରାଧିକରଣ ତାଲିମ କେନ୍ଦ୍ର ନେଇଥିଲା। ପ୍ରଶିକ୍ଷକ ପିକେ ଷଡ଼ଙ୍ଗୀ ତାଙ୍କ ହକି ଯାତ୍ରା ଆଗକୁ ବଢ଼ାଇଥିଲେ। ଭୁବନେଶ୍ୱରରର ଓଡ଼ିଶା ଟାଟା ନାଭାଲ୍ ହକି ଏଚ୍‌ପିସିରେ ନିଜ ଖେଳ ଜୀବନକୁ ସେ ଶାଣିତ କରିଥିଲେ। ସେ ୨୦୨୨ରେ ଗୁଜରାଟରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ଚମତ୍କାର ପ୍ରଦର୍ଶନ କରି ବେଙ୍ଗାଲୁରୁର ଉତ୍କର୍ଷ କେନ୍ଦ୍ରରେ ସ୍ଥାନ ପାଇଥିଲେ। ଏହା ପରେ ହକି ଇଣ୍ଡିଆ ୨୦୨୩ ଅପ୍ରେଲରେ ମାତ୍ର ୧୬ ବର୍ଷ ବୟସରେ ସୁନେଲିତାଙ୍କୁ ବରିଷ୍ଠ ମହିଳା ଜାତୀୟ ପ୍ରଶିକ୍ଷଣ ଶିବିର ପାଇଁ ମନୋନୀତ କରିଥିଲା। ଏହା ହିଁ ତାଙ୍କ ଯାତ୍ରାକୁ ସୁଗମ କରିଥିଲା। ଜୁନିୟର ହକିରେ ସେ ଦକ୍ଷିଣ ଆଫ୍ରିକାରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ୨୦୨୩ରେ ଜାପାନରେ ଅନୁଷ୍ଠିତ ଜୁନିୟର ଏସିଆ କପ୍ ବିଜୟୀ ଦଳର ସଦସ୍ୟା ଥିଲେ। ସେ ଜୁନିୟର ବିଶ୍ୱକପରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ବର୍ଷେ ପରେ ୨୦୨୪ରେ ସେ ଭାରତୀୟ ଦଳରେ ସାମିଲ ହେବାର ସୌଭାଗ୍ୟ ପାଇଥିଲେ। ହକି ମୈଦାନରେ କ୍ଷିପ୍ର ଗତି ହିଁ ସୁନେଲିତାଙ୍କ ସବୁଠାରୁ ବଡ଼ ଚମକ। ମଧ୍ୟପ୍ରଦେଶ ହକି ଏକାଡେମିର ପୂର୍ବତନ ପ୍ରଶିକ୍ଷକ ପରମଜିତ ସିଂହ କୁହନ୍ତି, ସୁନେଲିତାଙ୍କ ଗତି ଓ ପ୍ରତିପକ୍ଷଙ୍କୁ ପରାସ୍ତ କରି ସମ୍ମୁଖ ଭାଗରେ ଥିବା ଦଳରେ ବିପର୍ଯ୍ୟୟ ସୃଷ୍ଟି କରିବାର କ୍ଷମତା ରହିଛି। ଭାରତର ଜଣେ ପ୍ରତିଷ୍ଠିତ ଆକ୍ରମଣାତ୍ମକ ତାରକା ଲାଲରେମସିଆମିଙ୍କୁ ପ୍ରେରଣା ଭାବେ ଗ୍ରହଣ କରିଥିବା ସୁନେଲିତା ହକି ପଡ଼ିଆରେ ପ୍ରଥମେ ମଧ୍ୟଭାଗ (ମିଡ୍‌ଫିଲ୍ଡର)ରେ ଖେଳୁଥିଲେ। ପରେ ସମୟୋଚିତ ଗତି, ସ୍ଥାନ ନିରୂପଣ, ରକ୍ଷଣଭାଗ ଖେଳାଳିଙ୍କୁ ମନୋଭାବକୁ ବୁଝିବା ଓ ତ୍ୱରିତ ନିଷ୍ପତ୍ତି ନେବାର ଦକ୍ଷତା ଦେଖି ତାଙ୍କୁ ସମ୍ମୁଖ ଭାଗ (ଫରୱାର୍ଡ ଲାଇନ)କୁ ପଠାଯାଇଛି।

ବିଶ୍ୱକପ୍‌ରେ ଖେଳୁଥିବା ଝିଅ ପାଇଁ ଘରେ ଏବେ ଖୁସିର ପରିବେଶ। ବାପା ସୁରେଶ କୁହନ୍ତି, ବାପାଙ୍କୁ ନେଇ ପୁଅଝିଅଙ୍କ ପରିଚୟ। କିନ୍ତୁ ସୁନେଲିତାଙ୍କ ପାଇଁ ମୁଁ ପରିଚୟ ପାଇଛି, ଜଣେ ବାପା ପାଇଁ ଏହାଠାରୁ ବଳି ଗୌରବ ବିଷୟ ଆଉ କ'ଣ ହୋଇପାରେ। ସୁନ୍ଦରଗଡ଼ରେ ଜୀବନଶୈଳୀ ସହ ଜଡ଼ିତ ହୋଇଯାଇଛି ହକି। ସେଥିପାଇଁ ଅପହଞ୍ଚ ଗାଁର ଗୋଡ଼ିମାଟିର ପଡ଼ିଆରୁ ଦେଶ ପାଇଁ ଶ୍ରେଷ୍ଠ ହକି ଖେଳାଳି ତିଆରି ହୋଇ ଚାଲିଛନ୍ତି। ସୁନେଲିତା ସେ ଭିତରେ ଜଣେ। ଯିଏ ଗାଁ ପଡ଼ିଆରେ ଏକ ବାଉଁଶବାଡ଼ି ଧରି ଆକାଶକୁ ଛୁଇଁବାର ସ୍ୱପ୍ନ ଦେଖି ବିଶ୍ୱକପ୍ ପଡ଼ିଆରେ ପହଞ୍ଚି ଯାଇଛନ୍ତି।

# ଭାରତୀୟ ରଗ୍‌ବି ଦଳରେ ୬ ଓଡ଼ିଆ

**ଭୁବନେଶ୍ୱର:** ଓଡ଼ିଶା ରଗ୍‌ବି ପାଇଁ ମଙ୍ଗଳବାର ଆସିଛି ଗର୍ବ ଓ ଗୌରବର ଖବର। ଏସୀୟ ରଗ୍‌ବି ଏମିରେଟ୍‌ସ ସେଭେନ୍ସ ସିରିଜ୍ ପାଇଁ ଘୋଷିତ ଭାରତୀୟ ବରିଷ୍ଠ ଦଳରେ ୬ ଜଣଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଦଳରେ ୨ ଜଣ ଏବଂ ମହିଳା ଦଳରେ ୪ ଜଣ ସାମିଲ ରହିଛନ୍ତି। ପୁରୁଷ ଦଳରେ ଆଶିଷ ସବର, ଗଣେଷ ଡାଙ୍ଗ୍ରା ମାଝୀ ଏବଂ ମହିଳା ଦଳରେ ଡୁମିନୀ ମାରାଣ୍ଡି, ମାମା ନାଏକ, ନିର୍ମାଲ୍ୟ ରାଉତ, ସନ୍ଧ୍ୟାମଣି ଟୁଡୁଙ୍କୁ ଏହି ସୁଯୋଗ ମିଳିଛି। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତା ଅଗଷ୍ଟ ୨୯ ଓ ୩୦ ତାରିଖରେ ଚୀନର ସୁଜୋଉଠାରେ ଖେଳାଯିବ। ଉଭୟ ଭାରତୀୟ ଦଳ ଅଗଷ୍ଟ ୨୬ରେ ଭାରତରୁ ପ୍ରସ୍ଥାନ କରିବା ପରେ ଅଗଷ୍ଟ ୩୧ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ। ଏହା ପରେ ଏହି ସିରିଜ୍‌ର ଦ୍ୱିତୀୟ ଚରଣ ଅକ୍ଟୋବର ମାସରେ ଶ୍ରୀଲଙ୍କାରେ ମଧ୍ୟ ଅନୁଷ୍ଠିତ ହେବ। ଓଡ଼ିଶା ଖେଳାଳିମାନଙ୍କୁ ଓଡ଼ିଶା ରଗ୍‌ବି ଫୁଟ୍‌ବଲ୍ ସଂଘ (ଓରଫା) ପକ୍ଷରୁ ସଭାପତି ପ୍ରିୟଦର୍ଶୀ ମିଶ୍ର, ଉପ ସଭାପତି ଉପେନ୍ଦ୍ର ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି। ମନୋନୀତ ୬ ଜଣଙ୍କ ମଧ୍ୟରୁ ୫ ଜଣ ଖେଳାଳି କିସ୍‌ର ଛାତ୍ରଛାତ୍ରୀ। ସେମାନେ ହେଲେ-ଆଶିଷ ସବର, ଗଣେଷ ଡାଙ୍ଗ୍ରା ମାଝୀ, ଡୁମିନୀ ମାରାଣ୍ଡି, ମାମା ନାଏକ, ନିର୍ମାଲ୍ୟ ରାଉତ। ଏମାନଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କ୍ରୀଡ଼ା ବିଭାଗ ମୁଖ୍ୟ ଗଗନେନ୍ଦୁ ଦାଶ, ରୁଦ୍ରକେଶ ଜେନା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।







Executive Editor : M.M. RAM
Editor : MUKESH RAM
Published & Owned by MUKESH RAM, Bolck B-6, Hi-Tech Plaza, Apartment, Sundarpada, Po.: Kuha, Khordha, Odisha-751002
Printed at : CHANDAN PRINTERS, Plot No. -3, Gopabandhu Chhaka, Unit-8, Bhubaneswar, Khordha, Odisha-541003
କାର୍ଯ୍ୟନିର୍ବାହୀ ସମ୍ପାଦକ: ଏମ୍.ଏମ୍. ରାମ
ସମ୍ପାଦକ : ମୁକେଶ ରାମ